## ସଂକ୍ଷେପରେ

### ତୋରାଣିଆ ଗହୀରରୁ ହରିଣ ଉଦ୍ଧାର



ସାକ୍ଷୀଗୋପାଳ,୫ା୩ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର): ସତ୍ୟବାଦୀ ବ୍ଲକ ଅଧୀନ ରାୟଚକ୍ରଧରପୁର ପଞ୍ଚାୟତର ତୋରାଣିଆ ଗହୀର ବିଲରୁ ମଙ୍ଗଳବାର ଏକ ହରିଣକୁ ବନ ବିଭାଗ ଉଦ୍ଧାର କରି ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ିଛି। ସୂଚନା ମୁତାବକ, ସନାତନ ଗୁରୁଙ୍କ ମୁଗ କିଆରିରେ ହରିଣଟିକୁ ଗାଁ ଲୋକ ଦେଖିଥିଲେ। ପରେ କିଛି ଲୋକ ଏକତ୍ରିତ ହୋଇ ହରିଣକୁ ସେହି ସ୍ଥାନରେ କାବୁ କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେବାରୁ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ।

### ସେମିରେ କଟକ ସ୍ପୋର୍ଟିଂ କ୍ଲବ

ଗୋପ,୫ା୩(ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଚାଲିଥିବା ଗୋପ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ବାଲବାବା କ୍ରିକେଟ କ୍ଲବକୁ ୨୦ ରନ୍‌ରେ ହରାଇ କଟକ ସୋଭର୍ସ ସ୍ପୋର୍ଟିଂ ସେମିରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି କଟକ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୧୯୬ ରନ୍ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ୨୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୬ ରନ୍ କରି ପରାଜିତ ହୋଇଥିଲା। ଟୁର୍ନାମେଣ୍ଟକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଓ ଆଇନଜୀବୀ ରଞ୍ଜିତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଖେଳକୁ ପ୍ରମୋଦ ସିହ୍ନା, ସତ୍ୟ ସାଗର ଦାସ ପରିଚାଳନା କରିଥିଲେ। ଶେଷରେ କଟକର ସୋଭର୍ସ ସ୍ପୋର୍ଟିଂ କ୍ଲବ ଖେଳାଳି ଜୀବନ ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ଟ୍ରଫି ପ୍ରଦାନ କରିଥିଲେ। ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ମୁକ୍ତେଶ୍ୱର ସ୍ପୋର୍ଟ୍ସ କ୍ଲବ ଓ ବିବି କ୍ରିକେଟ୍ କ୍ଲବ ମଧ୍ୟରେ ହେବ ବୋଲି ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ସୂଚନା ମିଳିଛି।

# ଆଜି ଶ୍ରୀଲୋକନାଥଙ୍କ ପଙ୍କୋଦ୍ଧାର ନୀତି

## ଗମ୍ଭୀରା ଭିତରକୁ ଯାଇ ଶିବଲିଙ୍ଗ ଦର୍ଶନ କରିବେ ଶ୍ରଦ୍ଧାଳୁ

ପୁରୀ,୫ା୩(ଅଜିତ୍ ମହାନ୍ତି)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ପୁରୀସ୍ଥିତ ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରେ ବୁଧବାର ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହେବା ସହ ୮ତାରିଖରେ ମହାଶିବରାତ୍ରି ପାଳନ କରାଯିବ। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ଲୋକନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବା ସହ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱତନ୍ତ୍ର ବ୍ୟାରିକେଡ୍ ମାଧ୍ୟମରେ ଦର୍ଶନାର୍ଥୀମାନେ ପ୍ରଭୁ ଶ୍ରୀଲୋକନାଥଙ୍କୁ ଦର୍ଶନ କରିବେ। ବୁଧବାର ପ୍ରଭୁ ଲୋକନାଥ ଦେବଙ୍କ ମନ୍ଦିରରେ ଏକାଦଶୀ ତିଥିରେ ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହେବ। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଶ୍ରଦ୍ଧାଳୁମାନେ ଯାଇ ଶିବଲିଙ୍ଗ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ତେବେ ଭାରତର ଅନ୍ୟ କୌଣସି ଶୈବପୀଠ କିମ୍ବା ମନ୍ଦିରରେ ପଙ୍କୋଦ୍ଧାର ସ୍ୱତନ୍ତ୍ର ରୀତିନୀତି ଦେଖିବାକୁ ମିଳି ନ ଥାଏ ବୋଲି କୁହାଯାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୁପାରେ ଆଚ୍ଛାଦିତ ହୋଇରହୁଥିବା ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକାଦଶୀ ଦିନ ବାହାର କରାଯାଇଥାଏ। ପଙ୍କୋଦ୍ଧାର ଓ ଜାଗର ଦିନ ଶ୍ରୀଲୋକନାଥଙ୍କ ଦର୍ଶନ କରିବାକୁ ନେଇ ଉଭୟ ଭକ୍ତ ଓ ସେବାୟତ ଉତ୍ସାହିତ ଅଛନ୍ତି। ଚଳିତବର୍ଷ ଶୃଙ୍ଖଳିତ ଭାବେ ଠାକୁରଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବ ବୋଲି ସେବାୟତମାନେ ଆଶା ରଖିଛନ୍ତି। ପ୍ରଭୁ ଶ୍ରୀଲୋକନାଥଙ୍କ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ଲୋକନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ଅନୁସାରେ ରାତ୍ର ୧ଟାରୁ ଦ୍ୱାରଫିଟା ନୀତି କରାଯିବ। ମଙ୍ଗଳ ଆଳତି ରାତ୍ର ୧ଟା ୧୫, ଅବକାଶ ପୂଜା ୧ଟା ୪୫, ସୂର୍ଯ୍ୟପୂଜା ଭୋର ୫ଟା, ଦ୍ୱାରପାଳ ପୂଜା ୫ଟା ୩୦, ଗୋପାଳବଲ୍ଲଭ ସକାଳ ୬ଟା, ସକାଳ ଧୂପ ୬ଟା ୩୦, ଦ୍ୱିପ୍ରହର ଧୂପ ୭ଟା ୩୦, ଚଳନ୍ତି ପ୍ରତିମା ସ୍ୱସ୍ଥାନକୁ ବିଜେ ୭ଟା ୪୫, ସକାଳ ୮ଟା ୩୦ରୁ ପଙ୍କୋଦ୍ଧାର ନୀତି କରାଯିବ। ମାଘସ୍ନାନ ନୀତି ପରେ ମଧ୍ୟାହ୍ନ ୧୨ଟାରୁ ସାଧାରଣ ଭକ୍ତମାନେ ପ୍ରଭୁ ଶ୍ରୀଲୋକନାଥଙ୍କୁ ଦର୍ଶନ କରିପାରିବେ। ରାତ୍ର ୧୨ଟା ପର୍ଯ୍ୟନ୍ତ ଦର୍ଶନ ଚାଲିବ। ପରେ ଅନ୍ୟାନ୍ୟ ନୀତି ହୋଇ ୩ଟା ୪୫ରେ ରାତ୍ର ପହୁଡ଼ ଅନୁଷ୍ଠିତ ହେବ। ସେହିପରି ଜାଗର ଯାତ୍ରା ଅବସରରେ ରାତ୍ର ୧୨ଟା ୩୦ରୁ ଦ୍ୱାର ଫିଟିବା ସହ ପ୍ରଭୁଙ୍କର ବିଭିନ୍ନ ନୀତି ଅନୁଷ୍ଠିତ ହେବ। ଭୋର ୫ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ପରେ ଅନ୍ୟାନ୍ୟ ନୀତି କରାଯିବ। ପରଦିନ ଭୋର ୪ଟା ୩୦ରେ ମହାଦୀପ ଉଠିବା ନେଇ ପ୍ରଶାସନ ପକ୍ଷରୁ ସମୟ ନିର୍ଦ୍ଧାରଣ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଭକ୍ତମାନେ ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିବେ। ଭକ୍ତଙ୍କ ନିମନ୍ତେ ଧାଡ଼ି ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ପାନୀୟଜଳ, ଜାଗର ପଡିଆକୁ ସଫା କରାଯାଇ ଆଲୋକୀକରଣ କରାଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ପଙ୍କୋଦ୍ଧାର ଏକାଦଶୀ ଅବସରରେ ପୋଲିସ ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୪୧ ଏସ୍‌ଆଇ ଏବଂ ଏଏସ୍‌ଆଇ ୪୧, ୭୨ ଟ୍ରାଫିକ ହାବିଲଦାର, କନଷ୍ଟେବଲ, ୮୨ ହୋମଗାର୍ଡଙ୍କ ସହ ୭ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ସୂଚନା ଦିଆଯାଇଛି।



ଜାଗରରେ ଜଳିବାକୁ ଥିବା ଜଗତମଙ୍ଗଳ ଦୀପ ।

# ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘର ବିକ୍ଷୋଭ




ଦଳିତ ମହାସଂଘର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ନ୍ୟାୟ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ପିପିଲି,୫ା୩(ପ୍ରଭାତ ମହାପାତ୍ର): ଅସ୍ତରଙ୍ଗ ଅଞ୍ଚଳର ୨୩ ଦଳିତ ପରିବାର ମଙ୍ଗଳବାର ପିପିଲିରୁ ନବୀନ ନିବାସ ଅଭିମୁଖେ ଯାତ୍ରା କରି ନ୍ୟାୟ ଦାବି କରିଛନ୍ତି। ଜାତୀୟ ଦଳିତ ଆଦିବାସୀ ମାଇନୋରଟି ମହାସଂଘ ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିପିଲି ଉଉରା ଛକରେ ପୋଲିସ ଏମାନଙ୍କୁ ଅଟକାଇଥିଲା। କମିଶନରେଟ ପୋଲିସ ଏସିପି ତାପସ ଚନ୍ଦ୍ର ପ୍ରଧାନ ଓ ପିପିଲି ଥାନା ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଉକ୍ତ ସମସ୍ୟା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଉପରେ ଭରସା କରି ଆନ୍ଦୋଳନ ସ୍ଥଗିତ ରଖିଛୁ। ଆସନ୍ତା ୫ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବା ସଭାପତି ସେଠୀ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ସଂଗଠନ ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ଭୀମ ଆର୍ମିର ଖୋର୍ଦ୍ଧା ଜିଲା ସଭାପତି ଦୀପକ ଭୋଇ, କାହ୍ନୁଚରଣ ବେହେରା, ନରେସ ବେହେରା, ଜୟକୃଷ୍ଣ ଯଦୁମଣି ଦାସ, ରବି କାଣ୍ଡି ପ୍ରମୁଖ ନେତୃତ୍ୱ ନେଇଥିଲେ।




ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ପୁରୀଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ନୂଆ-ଓ ଛାତ୍ରବୃତ୍ତି ଅନୁଦାନପତ୍ର ବଣ୍ଟନ

ପିପିଲି,୫ା୩(ପ୍ରଭାତ ମହାପାତ୍ର)/ ବଳଙ୍ଗା(କେଦାରେଶ୍ୱର ନନ୍ଦ)/ ନିମାପଡ଼ା (ରଞ୍ଜନ ପଟ୍ଟନାୟକ)/ଅସ୍ତରଙ୍ଗ(ପ୍ରଦୀପ୍ତ ଦୀକ୍ଷିତ୍):

ପିପିଲି କଲେଜ ପରିସରରେ ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅଧୀନ ଛାତ୍ରବୃତ୍ତି ଅନୁଦାନ ପତ୍ର ବଣ୍ଟନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ପରିଚାଳନା କମିଟି ସଭାପତି ଡ. ପ୍ରତିଭା ମହାରଥୀ ନୂଆ-ଓ ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧକ୍ଷ ତପନ ଦାଶ ଏଥିରେ ଅଧକ୍ଷତା କରିଥିଲେ। ପ୍ରାଧାପକ ଭବେଶ ପ୍ରସାଦ ତ୍ରିପାଠୀ, ପ୍ରାଧାପକ ସଦାଶିବ ଦାଶ, ଅଧାପକ ୟାକୁବ ଉଦ୍ଦିନ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ଡ. ଲୋକନାଥ ସେଠୀ ସଭା ପରିଚାଳନା କରିଥିଲେ।

ସେହିପରି ବଳଙ୍ଗା ମହାବିଦ୍ୟାଳୟରେ ଛାତ୍ର ବୃତ୍ତି ଅନୁଦାନ ପତ୍ର ବଣ୍ଟନ କରାଯାଇଛି। ସମାରୋହ ଅଧକ୍ଷ ପ୍ରଭାତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୧୦୦ ଛାତ୍ରୀଛାତ୍ରଙ୍କୁ ଅନୁଦାନ ପତ୍ର ଦିଆଯାଇଥିଲା। ମୁଖ୍ୟ ଅତିଥି ରୂପେ ନିମାପଡ଼ା ପଞ୍ଚାୟତ ସମିତି ଉପାଧକ୍ଷା ଅନସୂୟା ମହାନ୍ତି, ମୁଖ୍ୟବକ୍ତା ରୂପେ ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମ୍ମାନିତ ଅତିଥି ଭାବେ ନୂଆସନ୍ଧ ସରପଞ୍ଚ ପ୍ରଫୁଲ୍ଲ ସ୍ୱାଇଁ, ସମିତି ସଭ୍ୟ ଦୁର୍ଗାପ୍ରସାଦ ପ୍ରଧାନ, ସାମାଜିକ କର୍ମୀ ରତୁରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ ପତି ସଭାକାର୍ଯ୍ୟ ସଞ୍ଚାଳନା କରିଥିଲେ। ଅଧାପକ ବଳଭଦ୍ର ରଥ ଧନ୍ୟବାଦ ଦେଇଥିଲେ। ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୁଖ୍ୟ ବ୍ଲକରେ ଛାତ୍ର ବୃତ୍ତି କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ମୋଟ ୨୩୭୦ ଛାତ୍ରୀଛାତ୍ରଙ୍କୁ ବୃତ୍ତି ରାଶି ପ୍ରଦାନ କରିଥିଲେ। ଛାତ୍ରୀଙ୍କୁ ୧୦ ହଜାର ଓ ଛାତ୍ରଙ୍କୁ ୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ଝିଅଙ୍କୁ ୧୧ ହଜାର ଓ ପୁଅଙ୍କୁ ୧୦ ହଜାର ଟଙ୍କା ଦିଆଯାଇଥିଲା। କଲେଜ ପରିଚାଳନା କମିଟି ସଭାପତି ଜଗତା ପ୍ରସାଦ ସାବୁତ ସଭାପତିତ୍ୱ କରିଥିଲେ।

ଅସ୍ତରଙ୍ଗ ବ୍ଲକ ଅଞ୍ଚଳର କଳିଙ୍ଗ ଡିଗ୍ରୀ କଲେଜରେ ନୂଆ-ଓ ଛାତ୍ର ବୃତ୍ତି ମୋଟ ୫୫୯ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଖାତାକୁ ଯାଇଛି। କଲେଜ ଅଧକ୍ଷ ଡ. ଜାଭିରି ହୁସେନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ମୁଖ୍ୟବକ୍ତା କଲେଜ ଚେୟାରମ୍ୟାନ ଅଜିତ ବିଶ୍ୱାଳ, ସାମାଜିକ କର୍ମୀ ତ୍ରିଭେୟ ଜେନା ଉପସ୍ଥିତ ଉପସ୍ଥିତ ଥିଲେ।

# ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟ: ଫାଇନାଲରେ ବାପୁଜୀ କ୍ଲବ୍

ପୁରୀ,୫ା୩(ଅଜିତ୍ ମହାନ୍ତି)

ତାଳବଣିଆସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୧୧ତମ ମହାବୀର ଟ୍ରଫି ତଥା ଦ୍ୱିତୀୟ ଲକି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ବାପୁଜୀ କ୍ଲବ ଓ କଟକ ରୟାଲ କ୍ରିକେଟ କ୍ଲବ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବାପୁଜୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୧୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ୍ ଶତ୍ରୁଜିତ୍ ୭୩ ବଲରୁ ୬୨ ଏବଂ ଅଭିଷେକ ଯାଦବ ୧୭ ବଲରୁ ୫୦ରନ ସଂଗ୍ରହ କରିଥିଲେ। ଜବାବରେ କଟକ ରୟାଲ କ୍ଲବ ୨୬ ଓଭରରେ ୯ ଉଇକେଟ ହରାଇ ୧୪୩ ରନ୍ କରି ହାରିଯାଇଥିଲା। ଅଭିଷେକ ଯାଦବ ୩ ଉଇକେଟ ନେବା ସହ ୫୦ରନ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ଅମ୍ପାୟର ଆଲୋକ ଦାସ ଓ ସତ୍ୟବ୍ରତ ମହାପାତ୍ର ପରିଚାଳନା କରିଥିଲେ। ସ୍କୋର ପରିଚାଳନାରେ ସନତ୍ ସିଂଦେଓ, ସୌମ୍ୟ ମଲ୍ଲିକ, ବିଶାଲ ଜେନା ସହାୟତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଇ-୨୪ ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ରାଜେଶ କୁମାର ମିଶ୍ର, ନ୍ୟାଶନାଲ କୁସ୍ତିବିତ୍ ପ୍ରିୟଜିତ୍ ମହାପାତ୍ର, ଯୁବ ଆଇନଜୀବୀ ଡ. ପ୍ରଧାନ ଧୀରେନ ରାୟ, ସମାଜସେବୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଚେୟାରମ୍ୟାନ ଅନିରୁଦ୍ଧ ରାଉତ, ମହାବୀର କ୍ଲବ ସେକ୍ରେଟାରୀ ସୌମେନ୍ଦ୍ର ମହାନ୍ତି, ଶ୍ୟାରା ରିଫ୍ରେଶମେଣ୍ଟର ଏମ୍.ଡି ଶ୍ୟାମା ପ୍ରସାଦ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ କ୍ରୀଡାବିତ୍‌ଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ସ୍ୱତନ୍ତ୍ର ବାଟାଲିୟନ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ପୁରୀ,୫ା୩(ଅଜିତ୍ ମହାନ୍ତି)

ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମଙ୍ଗଳବାର କେନ୍ଦ୍ରୀୟ ସୁରକ୍ଷା ବାହିନୀର ସ୍ୱତନ୍ତ୍ର ବାଟାଲିୟନ ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସ୍ୱତନ୍ତ୍ର ବାଟାଲିୟନ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରିଛି। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ କରାଯିବା ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ ରହିବେ। ବିଶୃଙ୍ଖଳା ଏବଂ ଅପରାଧିକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ଫ୍ଲାଗମାର୍ଚ୍ଚ ଜରିଆରେ ଅପରାଧୀ, ଅସାମାଜିକ ବ୍ୟକ୍ତି ଏବଂ ବିଶୃଙ୍ଖଳାକାରୀମାନଙ୍କୁ ବାର୍ତ୍ତା ଦିଆଯାଉଛି। ଏଥିସହିତ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ କରିବାକୁ ସଚେତନତା କରାଯାଇଛି। ଫାର୍ଗମାର୍ଚ୍ଚ କରିଥିବା ସ୍ୱତନ୍ତ୍ର ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ କହିଛନ୍ତି, ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସେମାନେ ଆଜି ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। ନିର୍ବାଚନ ଡ୍ୟୁଟି ପାଇଁ ତାଙ୍କ କମ୍ପାନୀ ପୁରୀ ଆସିଛି। ମତଦାନ ଶୃଙ୍ଖଳିତ ଓ ଅବାଧ ହେବା ନିମନ୍ତେ ପଦକ୍ଷେପ ନିଆଯିବ। ବର୍ତ୍ତମାନ ଗୋଟିଏ ପ୍ଲାଟୁନ ଆସିଛି। ପରବର୍ତ୍ତୀ ସମୟରେ ଆଉ କିଛି ପ୍ଲାଟୁନ ଆସିବେ। ମଙ୍ଗଳବାର ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଫାର୍ଗମାର୍ଚ୍ଚ କରାଯାଇଛି। ଯେଉଁ ସ୍ଥାନରେ ଅଶାନ୍ତି ଦେଖାଦେବ ସେଠାରେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଫୋର୍ସ ନିୟୋଜିତ କରାଯାଇଛି ବୋଲି ଡେପୁଟି କମାଣ୍ଡାଣ୍ଟ କହିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ମିଳିଲା ନୂଆ-ଓ ଛାତ୍ରବୃତ୍ତି

ପୁରୀ,୫ା୩(ଅଜିତ୍ ମହାନ୍ତି)- ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଅଧକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ନାତକ ଓ ସ୍ନାତକୋତ୍ତର ବର୍ଗରେ ମୋଟ ୩୧୭୯ ଜଣ ବିଦ୍ୟାର୍ଥୀ ଏହି ଯୋଜନାର ସୁଫଳ ପାଇଛନ୍ତି। ଅତିଥି ଭାବେ ପ୍ରାକ୍ତନ ଅଧକ୍ଷା ପ୍ରଫେସର୍ ସୁଜାତା ମିଶ୍ର, ପୂର୍ବତନ ଉପାଧକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ ଏବଂ ଛାତ୍ରବୃତ୍ତି ବିଭାଗର ସଂଯୋଜକ ଅଧାପକ ଗୌତମ ସେଠୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଭାବେ ଅର୍ଥ ପଇଠ ହୋଇଥିଲା। ଶେଷରେ ଡ. ଶୁଭାଶିଷ ନନ୍ଦ ଧନ୍ୟବାଦ ଦେଇଥିଲେ। ସେହିପରି ନୀଳାଚଳ ନାରାୟଣ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଛି। ଅଧକ୍ଷ ଡ. ମୀରାରାଣୀ ଖଣ୍ଡୁଆଳଙ୍କ ସଭାପତିତ୍ୱରେ ସଭା ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ଅର୍ଥ ବାଧକ ହେବନାହିଁ କହିଥିଲେ। ଡ. ବଳରାମ ଦାଶ ଶିବିରକୁ ପରିଚାଳନା କରିଥିଲେ। ସୁରଜମଲ ଶାହା ମହାବିଦ୍ୟାଳୟରେ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଅଧକ୍ଷ ଡ. ଶ୍ରୀକୁମାର ପାଠୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ବୃତ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ପ୍ରଫେସର ଲିଲିମା ମିଶ୍ର ପରିଚାଳନା କରିଥିଲେ। ପ୍ରଫେସର ଶରତ କୁମାର ସାହୁ ଓ୍ ସୁଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ପ୍ରଫେସର ରାଧେଶ୍ୟାମ ପଲାଇ ସ୍ୱାଗତ ଭାଷଣ ଓ ପ୍ରଫେସର୍ ସୁଦର୍ଶନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଓଡ଼ିଆଙ୍କ ସାହସ, ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ

ଅସ୍ତରଙ୍ଗ,୫ା୩(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)/ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)/ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)/ନିମାପଡ଼ା,(ରଞ୍ଜନ ପଟ୍ଟନାୟକ)/କୋଣାର୍କ,(ଜ୍ୟୋତିରାଜ ମହାନ୍ତି)/ପିପିଲି,(ଦୁର୍ଗା ମାଧବ ମିଶ୍ର)/ସାକ୍ଷୀଗୋପାଳ, (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର) :

ଅସ୍ତରଙ୍ଗ, କାକଟପୁର, କୋଣାର୍କକୁ ନେଇ ନିର୍ବାଚନ ମଣ୍ଡଳୀସ୍ତରୀୟ ୧୦୮ତମ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅସ୍ତରଙ୍ଗ ବ୍ଲକର ଡେରୁଣିଆ ଖେଳପଡ଼ିଆରେ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଆଙ୍କ ସାହସ ଓ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି କହିଥିଲେ । ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ପର୍ଯ୍ୟବେକ୍ଷକ କାଶୀନାଥ ରଣା,୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଡେଲାଙ୍ଗ ହାଟ ବଜାରସ୍ଥିତ ବିଜୁଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବାଣ୍ଟିଥିଲେ। ଡେଲାଙ୍ଗ- କୋଠବାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଭାରେ ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ସମବାୟବିତ୍ ଚିତ୍ରସେନ ନିଶଙ୍କ, ସ୍ଥାନୀୟ ସରପଂଚ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଥିଲା। ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଡେଲାଙ୍ଗ ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାକ୍ତନ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ୨୦ ଛାତ୍ରୀଙ୍କୁ ଟାବ୍ଲେଟ୍ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ପ୍ରଧାନ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ଶିକ୍ଷୟିତ୍ରୀ ସ୍ୱେତା ମିଶ୍ର ଉପସ୍ଥିତ ଥିଲେ।

ବିଜୁ ବାବାଙ୍କ ଜୟନ୍ତୀ ଅବସରରେ ଗୋପ ବ୍ଲକ ଯୁବ ବିଜୁ ଛାତ୍ର ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରା ବେଗୁନିଆ ଛକରୁ କୁଶୁପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଏଥିସହ ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ, ଯୁବ ଛାତ୍ର ନେତୃତ୍ୱ ମନଦିପ୍ ପାଇକରାୟ, ଦେବାଶିଷ ସାହୁ, ଚନ୍ଦନ ପ୍ରଧାନ ପ୍ରମୁଖ ଯୋଗଦେଇ ଶପଥ ପାଠ କରିଥିଲେ।

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ବ୍ଲକ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସାଇକେଲ ଶୋଭାଯାତ୍ରା ଶ୍ରୀମୁଖ ଛକାରେ ପହଞ୍ଚିଥିଲା। ଜୟଦୁର୍ଗା କଲ୍ୟାଣ ମଣ୍ଡପରେ ଦଳ ପକ୍ଷରୁ ସାଧାରଣ ସଭାରେ ଓଡ଼ିଶାବାସୀଙ୍କ କଲ୍ୟାଣ ଓ ସଶକ୍ତୀକରଣ ନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ କର୍ମୀ ଶପଥ ନେଇଥିଲେ। ବ୍ଲକ ସଭାପତି ଅଶୋକ ସାହୁ, ଜିଲା ପରିଷଦ ପ୍ରଦୀପ୍ତ ଖଟୋଇ, ଉପନଗରପାଳ ସନ୍ତୋଷ ଦାଶ, ଯୁବ ସଭାପତି ରାକେଶ ବେହେରାପ୍ରମୁଖ ଉପସ୍ଥିତ ଥିଲେ। ନିମାପଡ଼ାସ୍ଥିତ ପ୍ରାକ୍ଟିସିଂ ବିଦ୍ୟାଳୟରେ ବିଜୁଙ୍କ ଜୟନ୍ତୀ ଓ ପଞ୍ଚାୟତରାଜ ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ ଉପସ୍ଥିତ ଥିଲେ।

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଜେଡି ନେତା ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ କୋଣାର୍କ ରିଙ୍ଗ ରୋଡ ଛକଠାରୁ ବିରାଟ ଶୋଭାଯାତ୍ରା ବାହାରି ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ଦାସ ଆଶ୍ରମଠାରେ ପହଞ୍ଚିଥିଲା। ଚନ୍ଦ୍ରଭାଗା ଛକସ୍ଥିତ ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ ଉପାଧକ୍ଷ ଦୁର୍ଜୟ ମିଶ୍ରଙ୍କ ସମେତ କୋଣାର୍କ ଏନ୍‌ଏସି ଅଧୀନ ୧୩ ୱାର୍ଡର ବିଜେଡି କର୍ମୀ ଉପସ୍ଥିତ ଥିଲେ।

ପିପିଲି ବିଜେଡି କାର୍ଯ୍ୟାଳୟଠାରେ ବିଜୁବାବୁ ଏବଂ ସହ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରୁ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ମୋ ପରିବାର ଅଧକ୍ଷ ଅରୁପ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉପସ୍ଥିତ ଥିଲେ। ଶିବିରରେ ବିଧାୟକ ମହାରଥୀଙ୍କ ସମେତ ତାଙ୍କ ସ୍ତ୍ରୀ ଜାଗୃତୀ ପଣ୍ଡା ମହାରଥୀ ରକ୍ତଦାନ କରିଥିଲେ।

ସତ୍ୟବାଦୀରେ ସ୍ଥାନୀୟ ଫାର୍ମଚଣ୍ଡୀଙ୍କ ମନ୍ଦିର ପରିସରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବିଧାୟକ ଉମାକାନ୍ତ ସାମନ୍ତରାୟ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଆଗାମୀ ନିର୍ବାଚନରେ ସତ୍ୟବାଦୀରୁ ବିଜେଡି ଯେଭଳି ସର୍ବାଧିକ ଭୋଟ ପାଇବ ଓ ଦଳୀୟ କାର୍ଯ୍ୟକ୍ରମକୁ ଏବେଠାରୁ ତ୍ୱରାନ୍ୱିତ କରିବାକୁ ଉପସ୍ଥିତ କର୍ମୀ ଓ ନେତାଙ୍କୁ ବିଧାୟକ ରାୟ ପରାମର୍ଶ ଦେଇଥିଲେ। ପଞ୍ଚାୟତ ସମିତି ଅଧକ୍ଷ ସୁନିଲ ପଣ୍ଡା, ପେଣ୍ଟପଡା ସରପଞ୍ଚ ଚିନ୍ମୟ ରାଉତଙ୍କ ସମେତ ୨୪ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ପରିସରରେ ପଞ୍ଚାୟତରାଜ ଦିବସ ପାଳିତ ହୋଇଥିଲା।



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ଅନ୍ୟମାନେ ।




କୋଣାର୍କଠାରେ ଆୟୋଜିତ ଶୋଭାଯାତ୍ରାରେ ବିଜେଡି କର୍ମୀ ।

## ଦୁଇ ଅଭ୍ୟାସଗତ ଲୁଟେରା ଗିରଫ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ମହିଳାଙ୍କଠାରୁ ସୁନା ଚେନ୍ ଲୁଟ୍ ମାମଲାରେ ଦୁଇ ଅଭ୍ୟାସଗତ ଲୁଟେରାଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନା ତାରିଣୀ ବସ୍ତିର ରାକେଶ ସ୍ୱାଇଁ ଓରଫ ବୁଧିଆ (୨୮) ଓ ଖାରବେଳନଗର ଥାନା ୟୁନିଟ-୪ରେ ରହୁଥିବା ପୁରୀ ଜିଲା ବାସେଲୀ ସାହି ଅଞ୍ଚଳର କାହ୍ନା ତ୍ରିପାଠୀ (୨୭)। ସେମାନଙ୍କଠାରୁ ସୁନା ଅଳଙ୍କାର, ବାଇକ ଓ ମୋବାଇଲ ଆଦି ଜବତ ହୋଇଛି। ଫେବୃଆରୀ ୨୩ରେ ପାରାଦୀପର ରଞ୍ଜିତା ନାୟକ (୫୩) ସ୍ୱାମୀଙ୍କ ସହ ଯାଉଥିବାବେଳେ ରବୀନ୍ଦ୍ର ମଣ୍ଡପ ନିକଟରୁ ଅଭିଯୁକ୍ତମାନେ ସୁନା ଚେନ ଝାମ୍ପି ନେଇଥିଲେ।

# ନାଟକକୁ ଗୁରୁତ୍ୱ ଦେଉଥିଲେ ବିଜୁବାବୁ

ଭୁବନେଶ୍ୱର,୫।୩(ଶର୍ମିଷ୍ଠା ପାଣିଗ୍ରାହୀ)

## ନାଟକ ଓ ବିଜୁବାବୁ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ନାଟକ ଓ ବିଜୁବାବୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଗବେଷିକା ଡ. ରଶ୍ମି ଦାସ ଯୋଗଦେଇ କହିଲେ, ୧୯୫୩ରେ ଜନତା ରଙ୍ଗମଞ୍ଚ ତିଆରି ହୋଇଥିଲା। ସେତେବେଳେ ଦଳେ କଳାକାର ଯାଇ ବିଜୁବାବୁଙ୍କୁ ଅନୁରୋଧ କରିଥିଲେ ଆମକୁ ନାଟକ କରିବା ପାଇଁ ଜାଗା ଦିଅନ୍ତୁ। ବିଜୁବାବୁଙ୍କ ସହାୟତାରେ କଟକଠାରେ ଏକ ନାଟକ ଗୃହ ତିଆରି ହେଲା। ନାଟକ ପାଇଁ ବିଜୁବାବୁଙ୍କର ଏହା ଥିଲା ପ୍ରମୁଖ ଅବଦାନ। ଅନ୍ୟତମ ଅତିଥି ଶ୍ରୀରାମ ଦାସ ତାଙ୍କର ଏକ ଅନୁଭୂତି ବର୍ଣ୍ଣନା କରି କହିଲେ, ଥରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥାଏ। ମୁଁ ବିଳମ୍ବରେ ଆସି ପହଞ୍ଚିଲି। ଯେବେ ବିଜୁ ବାବୁ ଜାଣିଲେ ମୁଁ ନାଟକ କରୁଥିବାରୁ ଡେରିରେ ଆସିଲି ସେ ସାଙ୍ଗେ ସାଙ୍ଗେ ମୋତେ ବୈଠକରେ ବସିବାକୁ ଅନୁମତି ଦେଲେ। ସେବେ ମୁଁ ଜାଣିଲି ଯେ ସେ ରାଜନୀତିଠାରୁ ନାଟକକୁ କେତେ ଗୁରୁତ୍ୱ ଦିଅନ୍ତି। ଏଥିସହ ବିଜୁବାବୁ ଜଣେ ଓଡ଼ିଆ ପ୍ରେମୀ ଥିଲେ ବୋଲି ଦାସ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଶୁଭକାନ୍ତ ପାଢ଼ୀ କହିଲେ, ବିଜୁବାବୁଙ୍କର ନାଟକ କ୍ଷେତ୍ରରେ ଅନେକ ଅବଦାନ ଥିଲା। ୧୯୫୩ରେ ଜନତା ଥିଏଟର , ୧୯୬୪ରେ ସଙ୍ଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଶତାବ୍ଦୀର କଳାକାର ନାଟ୍ୟସଂସ୍ଥାର ନାଟକ 'ବାଞ୍ଛାର ବଗିଚା' ଦେଖି ସେ ଏତେ ଉଦ୍‌ବୁଦ୍ଧ ହୋଇଥିଲେ ଯେ ପରବର୍ତ୍ତୀ ସମୟରେ ସେ ସଂସ୍ଥାକୁ ଜାଗା ପ୍ରଦାନ କରିଥିଲେ, ଯେଉଁଠି ଆଜି ବିଜୁ ନାଟ୍ୟ କେନ୍ଦ୍ର ଛିଡ଼ା ହୋଇଛି। ନାଟ୍ୟକାର ସୁବୋଧ ପଟ୍ଟନାୟକ ବିଜୁବାବୁ ଓ ନାଟକକୁ ନେଇ ନିଜର ଅଭିଭାଷଣ ରଖିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

## ସଂକ୍ଷେପରେ

### ଏକାମ୍ରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର,୫।୩(ସୁବାସ ଚନ୍ଦ୍ର ପ୍ରଧାନ): ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ନେତାଜୀ କ୍ଲବ ପ୍ରାଙ୍ଗଣରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ବିଜୁ ବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରତାପ ଜେନା, ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, କର୍ପୋରେଟର ସନ୍ତୋଷ ସିଂ, ଅଜିତ୍ ବେହେରା, କେ.ଶାନ୍ତି, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ, ଚନ୍ଦ୍ରଶେଖର ମଲ୍ଲିଆ, ମହାମାୟା ସ୍ୱାଇଁ, ଛବି ଦାସ, ସକିବା ମୁସାରତ, ବିଜୟିନୀ ଜେନା, ଭୁବନେଶ୍ୱର ଯୁବ ସଭାପତି ସମରେଶ ବେଉରା, ଛାତ୍ର ସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ପୂର୍ବତନ କର୍ପୋରେଟର ଅଶୋକ ସିଂ, ପୁଷ୍ପା ଦାସ, ଅଜୟ ହରିଚନ୍ଦନ, ବିଜେଡି ନେତା ଦାଶରଥି ଗରାବଡୁ, ଗୋପାଳ ମକଦମ, ଅମରେନ୍ଦ୍ର ଗରାବଡୁ, ଛବି ସ୍ୱାଇଁ, ବିଜୟ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରହ୍ମେଶ୍ୱର ମନ୍ଦିରରେ ରାତି ୧୦ଟା ୩୦ରେ ମହାଦୀପ ଦର୍ଶନ

ପୁରୁଣା ଭୁବନେଶ୍ୱର,୫।୩(ସୁବାସ ଚନ୍ଦ୍ର ପ୍ରଧାନ): ଆସନ୍ତା ୮ ତାରିଖରେ ମହାଶିବରାତ୍ରି। ଏହି ପରିପ୍ରେକ୍ଷୀରେ ବ୍ରହ୍ମେଶ୍ୱର ପାଟଣାସ୍ଥିତ ବ୍ରହ୍ମେଶ୍ୱର ମନ୍ଦିରରେ ଜାଗର ଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭୋର ୩ ଟାରେ ଦ୍ୱାର ଫିଟା, ମଙ୍ଗଳ ଆଳତି, ଅବକାଶ ନୀତି ଆଦି ପରେ ରାତି ୧୦ଟା ୩୦ରେ ମହାଦୀପ ଦର୍ଶନ ନେଇ ନୀତି ନିର୍ଘଣ୍ଟ ହୋଇଛି। କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ଆଦର୍ଶ, ଉର୍ମି, ଅନନ୍ତ ଭରଦ୍ୱାଜ, ତୃପ୍ତି ନାୟକ, ସତ୍ୟବ୍ରତ ମଲ୍ଲିକ ପ୍ରମୁଖ ଭଜନ ସମାରୋହରେ ଯୋଗଦେବେ। ବୈଠକରେ ଟ୍ରଷ୍ଟ ସଦସ୍ୟ କାହ୍ନୁ ଚରଣ ସାମନ୍ତରାୟ, ଅଶୋକ ଦାସ, ପ୍ରୀତିରଞ୍ଜନ ଭଞ୍ଜ, ସନ୍ତୋଷ ସାହୁ, ଦେବନାରାୟଣ ମହାନ୍ତି, ଚଣ୍ଡ ପ୍ରଧାନ, ସୁଶୀଲ ରାଉତ, ଶିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ମ୍ୟାନେଜିଂ ଟ୍ରଷ୍ଟି ପୁଷ୍ପା ଦାସ କହିଛନ୍ତି।



ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ମଙ୍ଗଳବାର ବିଧାନସଭା ପରିସର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

## ବିଜୁ ଜୟନ୍ତୀରେ ଓଟିଡିସି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୫।୩(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପାନ୍ଥନିବାସଠାରେ ଏକ ସ୍ୱତନ୍ତ୍ର ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଖଲ୍ଲିକୋଟ ଏବଂ କଟକ ଚିତ୍ରଶିଳ୍ପୀ ସଂଘର ଚିତ୍ରଶିଳ୍ପୀଙ୍କ ଦ୍ୱାରା ରାଜ୍ୟର ବିବିଧ କଳା, ସଂସ୍କୃତି ଓ ମହିମାମଣ୍ଡିତ ଐତିହ୍ୟ ସ୍ଥାନିତ ହୋଇଛି। ଏଥିରେ ଚିତ୍ରଶିଳ୍ପୀଙ୍କ ପ୍ରତିଭା ପ୍ରଦର୍ଶିତ ହୋଇଛି। ଏଥିସହ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରବୀଣ ଓ ନବୀନ ଚିତ୍ରଶିଳ୍ପୀମାନେ ଯୋଗଦେଇ ସୂକ୍ଷ୍ମ କାରୁକାର୍ଯ୍ୟ ଓ କଳାଚାତୁର୍ଯ୍ୟମାନ ଶିଖିବାର ସୁଯୋଗ ପାଇଥିଲେ।

## ଶଙ୍ଖଭବନରେ ବିଜୁ ଜୟନ୍ତୀ

ଭୁବନେଶ୍ୱର,୫।୩(ଅନିଲ ଦାସ)

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ମଙ୍ଗଳବାର ଶଙ୍ଖଭବନରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ସକାଳ ୮ଟାରେ ଶଙ୍ଖ ଭବନଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦଳର ବରିଷ୍ଠ ନେତା ତଥା ମୁଖପାତ୍ର ସଞ୍ଜୟ ଦାସବର୍ମାଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଏମ୍‌ପି ଅମର ପଟ୍ଟନାୟକ, ସସ୍ମିତ ପାତ୍ର, ସୁଲତା ଦେଓ, ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁରଙ୍କ ସମେତ ଦଳର ଶତାଧିକ ବରିଷ୍ଠ ନେତା ଓ ମହିଳା, ଯୁବ ଓ ଛାତ୍ର ସଂଗଠନର କର୍ମକର୍ତ୍ତା, ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ, ମୁଖପାତ୍ର ଶ୍ରୀମୟୀ ମିଶ୍ର, ଦ୍ୟୁମ୍ନନାଥ ପଣ୍ଡା, ଈପ୍‌ସିତା ସାହୁ, ଓମ୍ ପ୍ରକାଶ ସାହୁଙ୍କ ସମେତ ଦଳର ଅନେକ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଏହା ପରେ ଦଳୀୟ ନେତୃବୃନ୍ଦ ବିମାନବନ୍ଦର ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତୃବୃନ୍ଦଙ୍କ ଗହଣରେ ବିଜୁ ପଟ୍ଟନାୟକ ପାର୍କରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ସାଇକେଲ ଶୋଭାଯାତ୍ରା, ଗଣଦୌଡ଼, ସଭା, ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଦେଶ ପ୍ରତି ବିଜୁବାବୁଙ୍କ ଅମୂଲ୍ୟ ଅବଦାନ ଓ ସଶକ୍ତ ତଥା ପୂର୍ଣ୍ଣ ବିକଶିତ ଓଡ଼ିଶା ନିର୍ମାଣରେ ବିଜୁବାବୁ ଭୂମିକା ସମ୍ପର୍କରେ ଆଲୋଚନା ହୋଇଛି। ବିଜୁବାବୁ ଦେଖାଇଥିବା ମାର୍ଗରେ ଓଡ଼ିଶାବାସୀଙ୍କ କଲ୍ୟାଣ ଓ ସଶକ୍ତୀକରଣ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ ନିରନ୍ତର କାର୍ଯ୍ୟ କରିବା ସହ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଢ଼ିବାକୁ ସମସ୍ତେ ଶପଥ ନେଇଛନ୍ତି।

## ପୃଥକ୍ ପାଳିଲେ ବିଜୁ ଜୟନ୍ତୀ

ବାଲକାଟୀ/ବାଲିପାଟଣା,୫।୩ (ମନୋଜ ମଣ୍ଡଳ/ଅଭିମନ୍ୟୁ ନାୟକ):

ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଜେଡିର ତିନି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିଛନ୍ତି। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଜୟଦେବରେ ବିଜେଡି ତିନି ଫାଳ, ଦଳୀୟ କନ୍ଦଳକୁ ପଦାରେ ପକାଇଛି। ନିର୍ବାଚନମଣ୍ଡଳୀର କମଳ ପାତ୍ର (ଚନ୍ଦନ)ଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା, ୬ ଟି ଜୋନ୍ ଜିଲା ପରିଷଦ ସଭ୍ୟ, ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ଓ ହରପ୍ରିୟା ଦାଶ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା ପ୍ରମୁଖ ବନମାଳିପୁର ନୂଆ ସାହି, ଟୁରିନ୍ତିରା, ବାଲିପାଟଣା ହାଟ ଛକ ଓ ଦେଉଳ ଛକ ସ୍ଥିତ ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ବିଜେଡିର ଅନ୍ୟ ଏକ ଗୋଷ୍ଠୀ ଶତାଧିକ କର୍ମୀଙ୍କୁ ନେଇ ଦେଢ଼ାଳ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲା। ଏଥିରେ ବରିଷ୍ଠ ନେତା ବିରଞ୍ଚି ନାରାୟଣ କର, ବଇଁଟୁଆ ସରପଞ୍ଚ ରଶ୍ମିତା ସାହୁ, ଉମାଦେଇ ସମିତି ସଭ୍ୟ ରଞ୍ଜନ ମହାପାତ୍ର, ଅଚ୍ୟୁତାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତୃତୀୟ ଗୋଷ୍ଠୀ ନାରୀନେତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ଶୁଭଦର୍ଶନୀଙ୍କ ନେତୃତ୍ୱରେ ବାଲିପାଟଣା ବ୍ଲକ ଅଠାନ୍ତରରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରା ବାଲିପାଟଣା ହାଟ ଛକସ୍ଥିତ ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟର୍ପଣ କରିଥିଲେ। ଏଥିରେ ବହୁ ନେତା, କର୍ମୀଙ୍କ ସମେତ ଯୁବନେତା ପ୍ରଦୀପ ମହାନ୍ତି ସାମିଲ ଥିଲେ।

## ଚିତ୍ରରେ ପ୍ରବାଦ ପୁରୁଷଙ୍କ କାହାଣୀ

ଭୁବନେଶ୍ୱର,୫।୩(ଶର୍ମିଷ୍ଠା ପାଣିଗ୍ରାହୀ)



ପ୍ରଦର୍ଶନୀକୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି , ସଞ୍ଜୟ ସିଂ ଓ ନିର୍ଦ୍ଦେଶକ ସରୋଜ କୁମାର ସାମଲ ବୁଲି ଦେଖୁଛନ୍ତି।

ଚିତ୍ର କହୁଛି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ କାହାଣୀ। ଜଣେ ଦୁଃସାହସିକ ବୈମାନିକ ଭାବେ ଭାରତ ତଥା ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମରେ ବିଜୁବାବୁଙ୍କ ଅବଦାନ, ରାଜ୍ୟ ତଥା ଜାତୀୟ ରାଜନୀତିରେ ତାଙ୍କର ଉତ୍ତୁଙ୍ଗ ପ୍ରଭାବ, ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ଶିଳ୍ପାୟନ ତଥା ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିଭୂମି ପ୍ରତିଷ୍ଠାରେ ବଳିଷ୍ଠ ଅବଦାନ ଏବଂ ଅନ୍ୟାନ୍ୟ କୃତିକୀର୍ତ୍ତି ଫଟୋଚିତ୍ରରେ ପ୍ରଦର୍ଶିତ ହୋଇଛି। ସେହିପରି ମୁଦ୍ରା ଓ ଡାକ ଟିକଟରେ ବିଜୁବାବୁ ଏବଂ ତାଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରକାଶିତ ବିଭିନ୍ନ ପୁସ୍ତକ ମଧ୍ୟ ପ୍ରବାଦ ପୁରୁଷଙ୍କ କଥା କହୁଛି। ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ ଅବସରରେ ମଙ୍ଗଳବାର ସୂଚନା ଭବନରେ ବିଜୁବାବୁଙ୍କ ଜୀବନୀ ଉପରେ ଆଧାରିତ ଏହି ଫଟୋଚିତ୍ର ପ୍ରଦର୍ଶନୀ ଆରମ୍ଭ ହୋଇଛି। ଏହାକୁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରିଛନ୍ତି। ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ନିର୍ଦ୍ଦେଶକ ସରୋଜ କୁମାର ସାମଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଜ୍ୟୋତିପ୍ରକାଶ ଦାସ ଓ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡ. ପ୍ରଦୀପ କୁମାର ରାଉତ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖଭବନ ପରିସରରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କ ଫଟୋଚିତ୍ରରେ ନେତା, ମନ୍ତ୍ରୀ ଓ କର୍ମୀମାନେ ପୁଷ୍ପମାଲ୍ୟାର୍ପଣ କରୁଛନ୍ତି।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ବିଜୁ ଜୟନ୍ତୀ

ବାଲିଅନ୍ତା,୫।୩ (ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ମଙ୍ଗଳବାର ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଓ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର, ସମେତ ବହୁ ଗୁରୁମା ଓ ଗୁରୁଜୀ ଓ ଛାତ୍ରୀଛାତ୍ର ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରତିଷ୍ଠାତା ସମ୍ପାଦକ ଖୁଣ୍ଟିଆ ଓ ଅନ୍ୟ ଗୁରୁମା ଓ ଗୁରୁଜୀ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ ସାହସିକତା ଉପରେ ଆଲୋକପାତ କରିଥିଲେ।

## ନାଟକ 'ମାଉସୀ ମା' ମଞ୍ଚସ୍ଥ

ଭୁବନେଶ୍ୱର,୫।୩(ଶର୍ମିଷ୍ଠା ପାଣିଗ୍ରାହୀ)– ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଲୀଳା ବୁଝିବା ସାଧାରଣ ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ। ତାଙ୍କର ପୁଣି ମାଉସୀ ମା କିଏ ହୋଇପାରନ୍ତି ଯିଏ କି ତାଙ୍କୁ ରଥଯାତ୍ରା ସମୟରେ ପୋଡ଼ପିଠା ଖୁଆନ୍ତି। ଏହା ଏକ ବିରାଟ ପ୍ରଶ୍ନବାଚୀ। ଏହା ତ୍ରେତୟା, ଦ୍ୱାପର ଓ କଳିଯୁଗ ସହିତ ସମ୍ପର୍କିତ ଏକ ଘଟଣା ହୋଇପାରେ। ଏହା ପୁରାଣ ଅବା କିମ୍ବଦନ୍ତୀ। କିନ୍ତୁ କଥାରେ ରହସ୍ୟ ରହିଛି। କେତେକ ଗୁଣ୍ଡିଚା ମନ୍ଦିରକୁ ମାଉସୀ ମା ମନ୍ଦିର ବୋଲି କହିଥାନ୍ତି। ହେଲେ କେଶରୀ ବଂଶର ରାଜା ବଟକେଶ୍ୱରୀ ଦେବଙ୍କ ନିର୍ମିତ ପୁରୀ ବଳଗଣ୍ଡିଠାରେ ଥିବା ଛୋଟ ମନ୍ଦିର ହେଉଛି ପ୍ରକୃତ ମାଉସୀ ମା' ମନ୍ଦିର, ଯେଉଁଠାରେ ବାହୁଡ଼ାଯାତ୍ରା ବେଳେ ଶ୍ରୀଜଗନ୍ନାଥଙ୍କ ରଥ ଆପେଆପେ ଅଟକିଯାଏ ପୋଡ଼ପିଠା ଖାଇବାକୁ। ଏଭଳି କିଛି ରହସ୍ୟପୂର୍ଣ୍ଣ ଘଟଣା ସହ କାଳ୍ପନିକ ଘଟଣାକୁ ଯୋଡ଼ି ନାଟକ 'ମାଉସୀ ମା' ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ନାଟ୍ୟକାର ଆର୍ତ୍ତତ୍ରାଣ ଶତପଥୀଙ୍କ ଦ୍ୱାରା ଏହା ପ୍ରସ୍ତୁତ ହୋଇଛି। ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଅଭିନୟରେ ଅବକାଶ ମିଶ୍ର, ମଳୟ କୁମାର ମହାନ୍ତି, କେଦାରନାଥ ରାଉତ, ଜ୍ଞାନେନ୍ଦ୍ର ଶତପଥୀ, ଶୁଭସ୍ମିତା ସାହୁ, ଅନନ୍ୟା ମହାପାତ୍ର, ମନୀଷା ପଥ ପ୍ରମୁଖ ରହିଛନ୍ତି। ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ, ସୁଧିରଞ୍ଜନ ମିଶ୍ର, ନାଟ୍ୟକାର ମନୋଜ ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ରୋଟାରିଆନ ଜୟଶ୍ରୀ ମହାନ୍ତି, ନାଟ୍ୟକାର ସୁବୋଧ ପଟ୍ଟନାୟକ, ଅନୁଷ୍ଠାନର ସଭାପତି ସୁଧାକର ପତ୍ରୀ, ସମ୍ପାଦକ ଶୁଭକାନ୍ତ ପାଢ଼ୀ ଉପସ୍ଥିତ ଥିଲେ।



# ବିଜୁବାବୁ ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ

**କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)**

ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ମଙ୍ଗଳବାର କଟକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ, ଯୋବ୍ରା ଆନିକଟ ଓ ବିଜୁ ପଟ୍ଟନାୟକ ସଂଗ୍ରହାଳୟ(ଆନନ୍ଦଭବନ)ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଜିଲାପାଳ ଭରଦ୍ୱାଜ କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ସେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ଦୂରଦୃଷ୍ଟିସମ୍ପନ୍ନ ରାଜନେତା ଭାବେ ଯେଉଁ ଶୀର୍ଷକୁ ଅତିକ୍ରମ କରିଥିଲେ ତାହା ଅକଳ୍ପନୀୟ। ଏକ ନୂତନ ପ୍ରଗତିଶୀଳ ଓଡ଼ିଶା ଗଠନ କରିବାରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶିବୋ ଟୋପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ତହସିଲଦାର ସୁଜୟ ପତି, ସ୍ୱତନ୍ତ୍ର ଲୋକସମ୍ପର୍କ ଅଧିକାରୀ(ରାଜସ୍ୱ ପର୍ଷଦ) ଅଶୋକ କୁମାର ଷଡ଼ଙ୍ଗୀ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବହୁ ଜନପ୍ରତିନିଧି, ରାଜନୈତିକ ଦଳର ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।




ଆନନ୍ଦଭବନ ପରିସରସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ବିନୀତ ଭରଦ୍ୱାଜ, ମେୟର ସୁବାସ ସିଂ, ସିଏମ୍‌ସି କମିଶନର ବିଜୟ କୁମାର ଦାସ ଏବଂ ଅନ୍ୟମାନେ ମାଲ୍ୟାର୍ପଣ କରୁଛନ୍ତି।

## ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନେଇ ଦସ୍ତଖତ ଅଭିଯାନ ପାଇଁ କର୍ମୀଙ୍କୁ ଦେବାଶିଷଙ୍କ ଆହ୍ୱାନ

**କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)**

ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ୧୦୮ତମ ବିଜୁ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଛକ ଏବଂ ଆନନ୍ଦଭବନଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ଆନନ୍ଦଭବନ ନିକଟରେ ରାଜ୍ୟ ସଭା ସଦସ୍ୟ ତଥା ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଶପଥ ପାଠ କରାଯାଇଛି। ସମସ୍ତ ବିଜେଡି କର୍ମୀ ଘର ଘର ବୁଲି ବିଜୁବାବୁଙ୍କୁ ଭାରତରତ୍ନ ଦାବି ନେଇ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିବା ନେଇ ଦେବାଶିଷ ଆହ୍ୱାନ ଦେଇଛନ୍ତି। ଉକ୍ତ ଦସ୍ତଖତକୁ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇ ଭାରତରତ୍ନ ମାନ୍ୟତା ପାଇ ଦାବି କରାଯିବ ବୋଲି ଦେବାଶିଷ କହିଛନ୍ତି। ଏହାସହ ସେ ସଂସଦରେ ବିଜୁବାବୁଙ୍କୁ କାହିଁକି ଭାରତରତ୍ନ ପ୍ରଦାନ କରାଯାଇନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଶପଥ ପାଠ କାର୍ଯ୍ୟକ୍ରମରେ ନଗର ସଭାପତି ମଧୁସୂଦନ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚାୟତିରାଜ ଦିବସରେ ହିମାଂଶୁଙ୍କ ଶକ୍ତି ପ୍ରଦର୍ଶନ



ସମର୍ଥକଙ୍କ ସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଯୁବନେତା ହିମାଂଶୁ ମହାନ୍ତି।

**ସାଲେପୁର,୫।୩(ଅରବିନ୍ଦ ଭୂୟାଁ)**

ପଞ୍ଚାୟତିରାଜ ଦିବସରେ ବିଜେଡି ଯୁବନେତା ହିମାଂଶୁ ମହାନ୍ତି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ସେ ସମର୍ଥକମାନଙ୍କ ସହ ଏକ ଶୋଭାଯାତ୍ରାରେ ପୀରବଜାରରୁ ବାହାରି ସାଲେପୁର ବିଜୁ ପଟ୍ଟନାୟକ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଧ୍ରୁବଚରଣ ମହାନ୍ତି, ଅଶୋକ ବାଇ, ଦେବାଶିଷ ସ୍ୱାଇଁ, ରାଜୀବ ଷଡ଼ଙ୍ଗୀ, ବିଶ୍ୱଜିତ୍ ଷଡ଼ଙ୍ଗୀ, ନୀହାର ରଞ୍ଜନ ମଲ୍ଲିକ, ବିଜୟ ହାତୀ, ସମୀର ଖିଲାର, ଅଶ୍ୱିନୀ ଷଡ଼ଙ୍ଗୀ, ଦେବାଶିଷ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ହିମାଂଶୁ ମହାନ୍ତି ମଧ୍ୟ ବିଜେଡିର ବିଧାୟକ ଟିକେଟ୍ ପାଇଁ ଆଶାୟୀ ଥିବା ଚର୍ଚ୍ଚା ହେଉଛି।

## ଉତ୍କଳ ସନ୍ତାନ ପକ୍ଷରୁ ବିଜୁ ଜୟନ୍ତୀ

**କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୮ତମ ଜୟନ୍ତୀ ମର୍କତନଗର ସେକ୍ଟର-୧୧ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପାଳନ ହୋଇଯାଇଛି। କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରଫେସର ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୋର୍ଟ ଟ୍ରଷ୍ଟର ପୂର୍ବତନ ଶ୍ରମିକନେତା ଅକ୍ଷୟ କୁମାର ଦାସ ଯୋଗଦେଇ ବିଜୁବାବୁଙ୍କ ଭଳି ସ୍ୱାଭିମାନୀ ଓ ଓଡ଼ିଶା ଏବଂ ଓଡ଼ିଆଙ୍କୁ ଭଲପାଇବା ନେତା ବିରଳ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ସବିତାବାଳା ଆଚାର୍ଯ୍ୟ କହିଛନ୍ତି ଯେ, ବିଜୁବାବୁ ଓଡ଼ିଶାରେ ମହିଳାଙ୍କୁ ୩୦% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଏବଂ ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ନେବା ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା। ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ପଣ୍ଡିତ ନିରାକାର ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିବା ପରେ ଦୁର୍ଯୋଧନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଗଣଦୌଡ଼ରେ ସାମିଲ ହେଲେ ଶତାଧିକ ଛାତ୍ରୀଛାତ୍ର

**କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)**

୧୦୮ତମ ବିଜୁ ଜୟନ୍ତୀ ଅବସରରେ ଓଡ଼ିଶା ଭେଟେରାନ ସ୍ପୋର୍ଟସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ୧୮ତମ ଗଣଦୌଡ଼ ଓ ୧୩ତମ ୱାକାଥନ ବିଜୁ ପଟ୍ଟନାୟକ ଛକଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ କୃଷି ଓ ମତ୍ସ୍ୟ ବିଭାଗ ମନ୍ତ୍ରୀ ତଥା ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନର ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଗଣଦୌଡ଼ର ଉଦ୍‌ଘାଟନ କରିଥିଲେ। ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଗଣଦୌଡ଼, ମହିଳା ଓ ପୁରୁଷଙ୍କୁ ନେଇ ୱାକାଥନ ଅନୁଷ୍ଠିତ ହୋଇଥିଲା। ପରେ ତୁଳସୀପୁରସ୍ଥିତ ସାରଳା ଭବନରେ ଆସୋସିଏଶନର ସଭାପତି ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାରଳା ସାହିତ୍ୟ ସଂସଦର ସଭାପତି ପ୍ରଭାକର ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ସରସ୍ୱତୀ କାନୁନ୍‌ଗୋ ଏବଂ ସୌଦାମିନୀ ଦାସ, ସୁନୀଲ କୁମାର ବୋଷ ଏବଂ କ୍ଷିତିଶ କୁମାର ପାତ୍ର ଯୋଗ ଦେଇଥିଲେ। ଆଜିର ଯୁବପିଢ଼ି ଆନନ୍ଦଭବନ ଯାଇ ସେଠାରେ ବିଜୁ ପଟ୍ଟନାୟକଙ୍କ କୀର୍ତିରାଜି ମାନ ଦେଖିଲେ ହିଁ ଓଡ଼ିଶାରେ ଇତିହାସ ସମ୍ପର୍କରେ ଅବଗତ ହୋଇ ପାରିବେ। ବିଜୁବାବୁଙ୍କ ଦେହାନ୍ତ ପରଠାରୁ ଆମେ ଭାତରରତ୍ନ ପ୍ରଦାନ ନେଇ ଦାବି କରି ଆସୁଛୁ ଏହା ଆମର ଦାବି ରହିଛି । ବିଜୁବାବୁଙ୍କ ପରି ଅନ୍ୟ କୌଣସି ଜନନାୟକ ନାହାଁନ୍ତି, ଯାହାଙ୍କ ମରଶରୀର ଉପରେ ତିନୋଟି ଦେଶର ପତାକା ରଖାଯାଇଛି। ଏପରି କି ବିଜୁବାବୁଙ୍କ ଯାହା ସ୍ୱପ୍ନ ରହିଯାଇଛି ତାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରୁଛନ୍ତି। ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବା ନିହାତି ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ କହିଛନ୍ତି। ଆସୋସିଏଶନ ପକ୍ଷରୁ ବରିଷ୍ଠ ବଡି ବିଲ୍‌ଡର ବିରଜା ଦାସ, କ୍ରିକେଟର କିଶୋର ମାଣିଆ, ବ୍ୟାଡମିଣ୍ଟନ ଖେଳାଳି ଅନୁପମ ପାତ୍ର ଏବଂ ଆଥଲେଟ ଅଞ୍ଜଳି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।



ଓଡ଼ିଶା ଭେଟେରାନ ସ୍ପୋର୍ଟସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗଣଦୌଡ଼।

## କଟକ ଜିଲା ବିଜେଡି କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ

**କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଦୋଳମୁଣ୍ଡାଇସ୍ଥିତ ବିଜେଡି କଟକ ଜିଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଜିଲା କମିଟି ପକ୍ଷରୁ ପାଳନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ଜିଲା ସଭାପତି ଦେବାଶିଷ ସାମନ୍ତରାୟ ବିଜୁ ପଟ୍ଟନାୟକଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ସିଂ, ନିମାଇଁ ବିଶ୍ୱାଳ, ତ୍ରିଲୋଚନ ପଣ୍ଡା, ଧ୍ରୁବ ସାହୁ, ଜନସନ ମହାପାତ୍ର, ଦିଲୀପ କୁମାର ସାହୁ, ଏମ୍‌ଡି ଫରିଦ, ପ୍ରଫୁଲ୍ଲ ବେହେରା, ଅଶୋକ କୁମାର ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।

# ବିଜୁବାବୁ ଆଧୁନିକ ଓଡ଼ିଶାର ବିନ୍ଧାଣି ଥିଲେ

**ମାହାଙ୍ଗା, ୫।୩ (ଯଯାତି ସିଂହ)**

ମାହାଙ୍ଗା ବିଜୁ ଜନତା ଦଳ ପକ୍ଷରୁ କୁଆଁପାଳସ୍ଥିତ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାମାଲ୍ୟ ଅର୍ପଣ କରି କଳିଙ୍ଗର ବରପୁତ୍ର ବିଜୁବାବୁ ଆଧୁନିକ ଓଡ଼ିଶାର ବିନ୍ଧାଣି ଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତୀକରଣ କରିବା ତାଙ୍କର ବଡ ସ୍ୱପ୍ନ ଥିଲା ବୋଲି କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ ପ୍ରମୁଖ ଯୋଗଦେଇଥିଲେ। ୩୯ ନଂ. ଜୋନରେ ବିଜେଡି ପକ୍ଷରୁ ସମସରପୁର ପଞ୍ଚାୟତ ଭୋଳିଦାସପୁରଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। **ଟିଗିରିଆ,(ଜାଫର ଖାଁ):** ଟିଗିରିଆ ବ୍ଲକର ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଟିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବି.ପ୍ରଣବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ନିର୍ବାହୀ ଯନ୍ତ୍ରୀ ଅଶୋକ ନନ୍ଦ, ଜ୍ଞାନରଞ୍ଜନ ବଡ଼ଜେନାଙ୍କ ସମେତ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ପୁରୁଣା ଟିଗିରିଆ କଲ୍ୟାଣ ମଣ୍ଡପରେ ବ୍ଲକ ବିଜୁ ମହିଳା ଦଳ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଦିତ୍ୟ ପ୍ରତାପ ସ୍ୱାଇଁ, ଟିଗିରିଆ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୁପା ଦଳେଇ, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡ଼ା ଛାତ୍ର ଓ ଯୁବ ବିଜେଡି ତରଫରୁ ଏକ ସାଇକେଲ ରାଲି ନୂଆପାଟଣାସ୍ଥିତ ମା'କଳାପାଟଙ୍କ ମନ୍ଦିର ବାହାରି ଗାନ୍ଧୀ ମଇଦାନ ନିଜିଗଡ଼ ପର୍ଯ୍ୟନ୍ତ ଯାଇଥିଲା। **ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକରେ ବିଜୁ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ନେଇ ଏକା ମୋଟର ସାକେଲ ଶୋଭାଯାତ୍ରା କରାଯାଇଥିଲା। ଏହା କଟିକଟାରୁ ବାହାରି କେନ୍ଦୁପାଟଣା ପଯ୍ୟନ୍ତ ଯାଇଥିଲା। ଶୋଭଯାତ୍ରାକୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବଜାରରେ ବିଜୁ ପଟ୍ଟନାୟକଙ୍କ ଛକରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଥି, ଉପାଧ୍ୟକ୍ଷ ଅଶୋକ ଓଝା, ଗିରିଶ ମହାପାତ୍ର, ରମାକାନ୍ତ ମହାନ୍ତି, ଖୁରଡ଼ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। **ଆଠଗଡ଼,(ସତ୍ୟ ପ୍ରସାଦ ରଥ):** ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଆଠଗଡ଼ ବ୍ଲକ ଓ ଏନ୍‌ଏସିରେ ଲୋକସେବା ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ଯୁବନେତା ପ୍ରକାଶ ରାଉତ, ଶିବଶଙ୍କର ଜେନା ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକର ୧ନଂଜୋନ ରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ, ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ୨ନଂଜୋନ ରେ ବ୍ଲକ ଅଧ୍ୟକ୍ଷା ମିନତି ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, କୃଷି ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ ପ୍ରମୁଖଙ୍କ ପୌରୋହିତ୍ୟରେ ଏକ ସାଇକେଲ ଶୋଭାଯାତ୍ରା ଗୁରୁଡିଝାଟିଆ ଛକରୁ ବାହାରି ୫୫ ନଂ ଜାତୀୟ ରାଜପଥ ଦେଇ ଖୁଣ୍ଟୁଣୀ ଛକ ପର୍ଯ୍ୟନ୍ତ ଯାଇଥିଲା। ୩ନଂ ଜୋନରେ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘଙ୍କ ନେତୃତ୍ୱରେ ଏକ ଗଣଦୌଡ ହୋଇଥିଲା। ଆଠଗଡ ଯୁବ ବିଜେଡି ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ରାଧାବଲ୍ଲଭପୁର ଉପ୍ରା ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେଠାରୁ ୧୦୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବିଜୁ ଯୁବଛାତ୍ର ଦଳ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମହୋତ୍ସବ ପଡିଆଠାରେ ଏକ ସ୍ମୃତିଚାରଣ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। **ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀର ଶତାୟୁ ବିଦ୍ୟାଳୟ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏଥିରେ ସଭାପତିତ୍ୱ କରି ବିଜୁବାବୁଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ବାଙ୍କୀ କଚେରିପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ବାଙ୍କୀ ବିଜେଡି କାର୍ଯ୍ୟାଳୟ ଠାରେ ଆୟୋଜିତ ଜୟନ୍ତୀ ପାଳନ ସଭାରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ବାଙ୍କୀ ପ୍ରତି ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ବାଙ୍କୀ ଓକିଲ ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। **ଚୌଦ୍ୱାର,(ଆଶୁତୋଷ ଦାସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଚୌଦ୍ୱାରରେ ମଙ୍ଗଳବାର ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବିରୂପା ବ୍ୟାରେଜ ନିକଟ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଶିଶୁ ସଦନରେ ପିଲାଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟା ଯାଇଥିଲା। ପରେ ଗାନ୍ଧୀ ଛକସ୍ଥିତ ପୌର ଟାଉନ୍ ହଲରେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଧାୟକ ସୌଭିକ୍ ବିଶ୍ୱାଳ, ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସମାଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଯୁବନେତା ଅର୍ଜୁନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି ହୋଇଥିଲା। **ଫୁଲନଖରା,(ସତ୍ୟ ରଞ୍ଜନ ଦାସମହାପାତ୍ର):** କଟକ ମହାନଗର ନିଗମ ୫୯ ନଂ. ୱାର୍ଡ ନୂଆ କାଚରାମାଳସ୍ଥିତ ବିଜୁ ପଟ୍ଟନାୟକ କମ୍ୟୁନିଟି ସେଣ୍ଟରରେ ବିଜୁଙ୍କ ଜୟନ୍ତୀ ପାଳିତ ହୋଇଛି। ୱାର୍ଡ ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବହୁ ବିଜୁ ପ୍ରେମୀ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗ୍ରାମର ନଳିନୀକାନ୍ତ ମହାନ୍ତି ବିଜେଡିରେ ସାମିଲ ହୋଇଥିବାବେଳେ ତାଙ୍କୁ ଦଳ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ୱାର୍ଡ ସଂଯୋଜକ ଜାଭିର ସା, କଟକ ନଗର ସାଧାରଣ ସମ୍ପାଦକ ରାକେଶ ପଟ୍ଟନାୟକ, ପୀୟୂଷ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। **କଟକ ସଦର,(ସୁଶାନ୍ତ ଜେନା):** କଟକ ସଦର ବ୍ଲକ ଅଧୀନ କିଶୋର ନଗରଠାରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରୋହିତ୍ୟରେ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ସମ୍ମାନିତ ଅତିଥି ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଗନ ବିହାରି ନାୟକ, ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମର ବେହେରା, ସତ୍ୟ ସିଦ୍ଧାନ୍ତ ଦାଶ ପ୍ରମୁଖ ବିଜୁଙ୍କ ଗୁଣାବଳି ଉପରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ କିଶୋର ନଗର ହାଟ ପଡ଼ିଆଠାରେ ନିର୍ମିତ ପିଣ୍ଡିର ଉଦ୍‌ଘାଟନ ଓ ମଧୁବାବୁ ପେନସନ ବାଣ୍ଟିଥିଲେ। **ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା):** ପଞ୍ଚାୟତରାଜ ଦିବସ ଉପଲକ୍ଷେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଆଠଗଡ଼ ୩ ନଂ. ଜିଲା ପରିଷଦ ଜୋନ ସର୍ପେଶ୍ୱର ମହାଦେବଙ୍କ ପୀଠରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘଙ୍କ ଗଣଦୌଡ଼କୁ ପତାକା ଦେଖାଇ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୁରୁଷିଆ ସରପଞ୍ଚଙ୍କ ପ୍ରତିନିଧି ମଗୁଳି ଚରଣ ପାଣି, ବିଜେଡି ସଂଗଠକ ନିରାକାର ଲେଙ୍କା, ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। **ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ତଥା ପଞ୍ଚାୟତରାଜ ଦିବସ ଅବସରରେ ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁର ପଞ୍ଚାୟତରେ ଏକ ବିରାଟ ସାଇକେଲ ରାଲି ଓ ବ୍ରହ୍ମପୁର ପଞ୍ଚାୟତରେ ଏକ ସ୍ମୃତି ଚରଣ ସଭା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କ ପ୍ରତିନିଧି ସେକ୍ ସାହାଜାନଙ୍କ ପୌରହିତ୍ୟରେ କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ବିଶ୍ୱଜିତ୍ ପ୍ରଧାନ, ସରପଞ୍ଚ ଦେବେନ୍ଦ୍ର ପାଣ୍ଡପ, ବିଶ୍ୱଜିତ୍ ମାଝୀ, ରଞ୍ଜିତ ରାଉତ, ସରୋଜ ଖଟୁଆ ଉପସ୍ଥିତ ଥିଲେ। ପରେ ହାଟପଡ଼ିଆରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ସଭ୍ୟା ଜୟଶ୍ରୀ ପ୍ରଧାନ, ଆମ୍ବା ଅଧ୍ୟକ୍ଷଙ୍କ ସମେତ ୧୩ ପଞ୍ଚାୟତର ବିଜେଡି କର୍ମୀ ବିଜୁଙ୍କ ଭାରତ ରତ୍ନ ପ୍ରସଙ୍ଗ ଉଠାଇଥିଲେ।



ବିଜୁ ଜୟନ୍ତୀ ଉପଲକ୍ଷେ ଆଠଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବକ୍ତବ୍ୟ ଦେଉଛନ୍ତି।



ନିଶ୍ଚିନ୍ତକୋଇଲିରେ ବିଧାୟକ ପ୍ରତାପ ଜେନା ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### କ୍ରଶର ସଂଘ ଆନ୍ଦୋଳନ ସ୍ଥଗିତ

**ଖୋର୍ଦ୍ଧା,୫।୩ (ପ୍ରଭାତ ପାଣିଗ୍ରାହୀ):** ବିଭିନ୍ନ ପ୍ରସଙ୍ଗ ନେଇ ଆଞ୍ଚଳିକ କ୍ରଶର ମାଲିକ ସଂଘ ବୁଧବାରଠାରୁ ଡାକରା ଦେଇଥିବା ଆନ୍ଦୋଳନକୁ ସ୍ଥଗିତ ରଖିଛି। ମଙ୍ଗଳବାର ଜିଲାପାଳଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ସାଧାରଣ ସମ୍ପାଦକ କେଦାର ନରେନ୍ଦ୍ର ଓ ଉପସଭାପତି ପ୍ରକାଶ ସାମନ୍ତରାୟ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲା ଟାଙ୍ଗୀ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କ୍ରଶର ରହିଛି। କ୍ରଶର ଶିଳ୍ପ ଉପରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଦୀର୍ଘଦିନ ହେବ ପ୍ରଶାସନିକ କଟକଣା ଯୋଗୁ ବହୁ କ୍ରଶର ବନ୍ଦ ହୋଇପଡ଼ିଛି। ଆଞ୍ଚଳିକ କ୍ରଶର ମାଲିକ ସଂଘ ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଦାବି ଜଣାଇ ବିଫଳ ହେବା ପରେ ଆମରଣ ଅନଶନ ପାଇ ନିଷ୍ପତ୍ତି ନେଇଥିଲେ। ରାଜ୍ୟ ସଭା ସଦସ୍ୟ ତଥା ଆଞ୍ଚଳିକ କ୍ରଶର ମାଲିକ ସଂଘର ଉପଦେଷ୍ଟା ମାନସ ମଙ୍ଗରାଜ ଏବଂ ୫-ଟି ଅଧକ୍ଷଙ୍କ ସହ ସଂଘ ଆଲୋଚନା କରିଥିଲା। ପରେ ଜିଲାପାଳ ସମସ୍ୟାର ସମାଧାନ ପାଇଁ କ୍ରଶର ମାଲିକ ସଂଘକୁ ଡାକି ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କ୍ରଶର ମାଲିକ ସଂଘ ପକ୍ଷରୁ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଯାଇଛି ବୋଲି ଉପସଭାପତି ସାମନ୍ତରାୟ କହିଛନ୍ତି।

### ବୁଥ୍‌ସ୍ତରୀୟ ଅଧିକାରୀ ସୁରେନ୍ଦ୍ର ବିଶ୍ୱାଳ ସମ୍ମାନିତ

**ଟାଙ୍ଗୀ,୫।୩(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୧୪୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ବ୍ଲକଠାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରେଶ୍ମା ଟେଟେ, ତହସିଲଦାର ମିତାଲି ପାତ୍ର, ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜିତେନ୍ଦ୍ର ମିଶ୍ର ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ ଦେଇଥିଲେ। ବୁଥଗୁଡ଼ିକରେ ଭୌତିକ ପରିବେଶ, ନୂତନ ଭୋଟର ତାଲିକାରୁ ମୃତ ଲୋକଙ୍କ ନାଁ କାଟିବା, ଅନୁପସ୍ଥିତ, ସ୍ଥାନାନ୍ତରିତ ଭୋଟର ଚିହ୍ନଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜୟମଙ୍ଗଳପୁର ବୁଥ୍‌ସ୍ତରୀୟ ଅଧିକାରୀ ସୁରେନ୍ଦ୍ର ବିଶ୍ୱାଳଙ୍କୁ ନିଷ୍ଠାପର କାର୍ଯ୍ୟ ଦକ୍ଷତା ପାଇଁ ସମ୍ମାନିତ କରାଯାଇଛି। ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପରିଚୟପତ୍ର, କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକଭାବେ ସମରେଶ ବେହେରା, ସନ୍ତୋଷ ବେହେରା ଓ ନୀଳାଦ୍ରି ସିଂ ଉପସ୍ଥିତ ଥିଲେ।

### ବିଦ୍ୟାଳୟସ୍ତରୀୟ ଆଲୁମ୍‌ନି କମିଟି ଉତ୍ସବ

**ଟାଙ୍ଗୀ,୫।୩ (ରଘୁନାଥ ସାହୁ):** ଓଳସିଂ ଦାଶରଥି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଆଲୁମ୍‌ନି କମିଟି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରମାକାନ୍ତ ବରିଶଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅତୁଲ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ସୁକାନ୍ତ ପରିଡ଼ା, ପରମାନନ୍ଦ ସାହୁ, ଗୁଣନିଧି ଶତପଥୀ, ନାରାୟଣ ବୈରାଗଞ୍ଜନ, ବାପି ବରିଶଲ, ଲିଙ୍ଗରାଜ ପରିଡ଼ା, ଅନସୂୟା ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ କମିଟି ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ରିମାଣ୍ଡରେ ଗଲେ ୪ ଅଭିଯୁକ୍ତ

**ଖୋର୍ଦ୍ଧା,୫।୩ (ପ୍ରଭାତ ପାଣିଗ୍ରାହୀ)**


ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଉଛି।

ଗୁରୁଜଙ୍ଗ ମେଲଣ ପଡିଆରୁ ୨୬୨ଗ୍ରାମ ବ୍ରାଉନ୍‌ସୁଗାର ଜବତ ଘଟଣାରେ ଖୋର୍ଦ୍ଧା ପୋଲିସ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୋଲିସ ୪ ଅଭିଯୁକ୍ତଙ୍କୁ ମଙ୍ଗଳବାରଠାରୁ ୨ଦିନିଆ ରିମାଣ୍ଡରେ ନେଇଛି। ସେମାନେ ହେଲେ ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ, ମନୋରଞ୍ଜନ ସାହୁ ଓରଫ ମିକି, ଏସ୍. କେ ଜାଫର ଓରଫ ବାବୁ ଏବଂ ଲକ୍ଷ୍ମୀଧର ସାହୁ ଓରଫ ଲକି। ରିମାଣ୍ଡରେ ଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ମିକି ଓ ଲକି ଦୁଇ ଭାଇ ବୋଲି ଜଣାପଡିଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚୁରା ଲାଗି ପୋଲିସ ୫ଦିନ ପାଇଁ ଆବେଦନ କରିଥିଲା। ଏସ୍‌ଡିଜେଏମ୍ ୨ଦିନ ରିମାଣ୍ଡରେ ନେବା ଲାଗି ଅନୁମତି ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଟାଉନ ଥାନାଧିକାରୀ ସଞ୍ଜୟ ନାୟକଙ୍କ ସମେତ ଏକ ଟିମ୍ ଜେଲରେ ପହଞ୍ଚି କଡା ସୁରକ୍ଷା ବଳୟ ମଧ୍ୟରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାକୁ ନେବା ପରେ ସେଠାରୁ କୌଣସି ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚୁରା କରୁଛି। ରିମାଣ୍ଡର ପ୍ରଥମ ଦିନରେ ପୋଲିସ ୪ ଅଭିଯୁକ୍ତଙ୍କୁ ପ୍ରଥମେ ପୃଥକ ପରେ ସାମ୍ନାସାମ୍ନି ଜେରା କରିଛି। ଏମାନଙ୍କ ନେଟୱର୍କରେ ଅନ୍ୟ କେଉଁମାନେ ଅଛନ୍ତି, ଏହାର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ ବ୍ରାଉନସୁଗାର କାହାଠାରୁ ଏବଂ କେଉଁଠାରୁ ଖୋର୍ଦ୍ଧା ଆସୁଛି ପୋଲିସ ଖୋଳତାଡ଼ କରିଛି। ପ୍ରଥମ ଦିନରେ ପୋଲିସ ହାତରେ ବହୁ ତଥ୍ୟ ହାତରେ ଲାଗିଥିବା ଜଣାପଡିଛି।

ପ୍ରକାଶ ଯେ, ଗତ ଫେବୃଆରୀ ୧୯ରେ ଗୁରୁଜଙ୍ଗ ମେଲଣ ପଡିଆରେ ଏକ ସ୍କର୍ପିଓରେ ବ୍ରାଉନ୍‌ସୁଗାର ଡିଲ୍ ଚାଲିଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଘଟଣାସ୍ଥଳରୁ ୨୬୨ ଗ୍ରାମ ବ୍ରାଉନସୁଗାର ଜବତ କରିଥିବା ବେଳେ ୫ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କ ତଥ୍ୟ ଆଧାରରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଜେଲ ଅଧୀକ୍ଷକଙ୍କ ତଥ୍ୟ ଆଧାରରେ ପୋଲିସ ଏମାନଙ୍କ ମୋବାଇଲକୁ ଟ୍ରାକ କରି ଗିରଫ କରାଯାଇଥିଲା ବୋଲି ତତ୍କାଳୀନ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଥିଲେ।

### ଜେଲ ଭିତରୁ ବ୍ରାଉନ୍‌ସୁଗାର ଡିଲ୍ ପ୍ରସଙ୍ଗ

ଜେଲ ଭିତରୁ ଜଣେ ଅପରାଧୀଙ୍କଠାରୁ ମୋବାଇଲ ଜବତ କରି ଜେଲର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଜବତ ମୋବାଇଲ ଖୋଲିଥିଲା ଗୁମର। ଜେଲ ଭିତରୁ ଚାଲିଥିଲା ବ୍ରାଉନସୁଗାର ଡିଲ୍। ଏଭଳି ତଥ୍ୟ ଆସିବା ପରେ ଜେଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ଉଠିଥିଲା ପ୍ରଶ୍ନବାଚୀ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଜେଲ ଭିତରେ ଦୁଇ ଅପରାଧୀ ସଞ୍ଜୁ ଓ ମିକିଙ୍କୁ ଜେରା କରିଥିଲେ। ତେବେ ଏ ସମ୍ପର୍କରେ ଏସ୍‌ଡିପିଓ ଦାସ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। ଏସ୍‌ଡିଜେଏମ ୨ଦିନ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ମଙ୍ଗଳବାରଠାରୁ ରିମାଣ୍ଡରେ ନିଆଯାଇ ପଚରାଉଚୁରା କରାଯାଇଛି। ସଞ୍ଜୁ ଓ ମିକିଙ୍କ ନାଁରେ ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ଏବଂ ୨ଟି ହତ୍ୟାକାଣ୍ଡରେ ସମ୍ପୃକ୍ତି ରହିଛି।

## ଜହ୍ନିକୁଦାରୁ ସାତପଡ଼ା ସ୍ଥାୟୀ ପୋଲ ନିର୍ମାଣ ଦାବି



**କୃଷ୍ଣପ୍ରସାଦ,୫।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୧୪ ପଞ୍ଚାୟତ ଚିଲିକା ଘେର ମଧ୍ୟରେ ଅବସ୍ଥିତ। ପୁରୀ ମୁଖ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଡଙ୍ଗାରେ ଶତାଧିକ ଲୋକ ବିପଜ୍ଜନକ ଭାବେ ଚିଲିକାରେ ଯାତ୍ରା କରିଥାନ୍ତି। ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକାରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଚିଲିକାରେ ତୁରନ୍ତ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ମଙ୍ଗଳବାର ଦ୍ୱୀପାଞ୍ଚଳ ସେତୁ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା। ଆବାହକ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବହୁ ଜନସାଧାରଣ ସାମିଲ ହୋଇଥିଲେ। ଶିଳାନ୍ୟାସ ନ ହେବା ଯାଏ ଏହିଭଳି ବିଭିନ୍ନ ସ୍ଥାନରେ ଧାରଣା ଦିଆଯିବ ବୋଲି ଆବାହକ ଜେନା ସୂଚନା ଦେଇଛନ୍ତି।

## ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଜଳଛତ୍ର ସେବା ଆରମ୍ଭ


ଜଳଛତ୍ର ସେବା ଉଦ୍‌ଘାଟନୀ ଅବସରରେ ବିଧାୟକ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୫।୩ (ପ୍ରଭାତ ପାଣିଗ୍ରାହୀ)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ପ୍ରେସ କ୍ଲବ(ଡିପିସି) ପକ୍ଷରୁ ମଙ୍ଗଳବାର ଜଳଛତ୍ର ସେବା ଆରମ୍ଭ ହୋଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ର, ବାଟୋଇଙ୍କୁ ସ୍ୱଚ୍ଛ ପାନୀୟଜଳ ଓ ଦହିପଣା ବଣ୍ଟନ କରିଥିଲେ। ଆସନ୍ତା ଜୁନ୍ ମାସ ପର୍ଯ୍ୟନ୍ତ ଏହି ସେବା ଚାଲୁ ରହିବ ବୋଲି ସଂଘର ସଭାପତି ସୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ କହିଛନ୍ତି। ଅନ୍ୟତମ ଅତିଥିଭାବେ ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଗୀତାଞ୍ଜଳୀ ପାଟ୍ଟଶାଣୀ, ପୌରଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, କାଉନ୍‌ସିଲର କମଳ ପ୍ରଧାନ, ପ୍ରଶାନ୍ତ କୁମାର ସେଠୀ, ଟୁଟୁ ବଳିୟାରସିଂହଙ୍କ ସମେତ ଓୟୁଜେ ସଭାପତି ବରିଷ୍ଠ ସାମ୍ବାଦିକ ତପନ କୁମାର ନାୟକ, ଓୟୁଡବ୍ଲୁଜେର ସଭାପତି ପ୍ରକାଶ ହାତୀ, ଉତ୍କଳ ସାମ୍ବାଦିକ ସଂଘ ଜିଲା ତଥା ଭୟସ ମିଡିଆ ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର, ପ୍ରେସ କ୍ଲବ ଆଇନ ପରାମର୍ଶଦାତା ଅବ୍ୟକ୍ତ ହରିହର ଖାଡଙ୍ଗା, ଡିପିସି ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ, ଉପସଭାପତି ତଥା ଜିଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର, ସହ ସମ୍ପାଦକ ପ୍ରବୀଣ ଭଞ୍ଜ, ରଞ୍ଜିତ କେ.ଏନ୍.ସାମନ୍ତରାୟ, କୋଷାଧ୍ୟକ୍ଷ ପି.ତ୍ରିପତି ବାଲାଜି ପାତ୍ର, ସାମ୍ବାଦିକ ସନ୍ତୋଷ ବାରିକ, ପ୍ରଭାତ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ଦାସ, ଅର୍ଷାଦୁଲ ହକ୍, ଅନସର ଅଲ୍ଲୀ, ଅଏସ ମହାନ୍ତି, ଶୁଭଲକ୍ଷ୍ମୀ ସାମନ୍ତରାୟ, ଗୋପାଳ କୃଷ୍ଣ ଦାସ, ଗୋପାଳ କୃଷ୍ଣ ପ୍ରଧାନ, ସୟଦ ଲିୟାକତ ଅଲ୍ଲୀ, ଏମ୍.ଡି. ମୁତାହର ୟୁସୁଫ, ଆକାଶ ବିଶ୍ୱାଳ, ଅବ୍ରାହୁଲ ହକ୍, ଶୁସାନ୍ତ ପ୍ରଧାନଙ୍କ ସମେତ ଜିଲାର ୫୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ପ୍ରାୟ ୨ଶହ ବାଟୋଇଙ୍କୁ ଦହି ପଣା ବଣ୍ଟନ କରାଯାଇଥିଲା।

## ଗରା, ବାଲ୍ଟି ଧରି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

**ବୋଲଗଡ଼/ଧଳାପଥର,୫।୩ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ)**

### ପିଇବା ପାଣି ଯୋଗାଣ ବନ୍ଦର ପ୍ରତିବାଦ

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତର ଧଳାପଥର ଗ୍ରାମ ମିଛପଣ୍ଡା ସାହିରେ ପାନୀୟଜଳ ଯୋଗାଣ ବନ୍ଦ କରାଯାଇଥିବା ପ୍ରତିବାଦରେ ମଙ୍ଗଳବାର ସାହିର ପ୍ରତ୍ୟେକ ପରିବାରର ମହିଳାମାନେ ଗରା, ବାଲ୍ଟି ଧରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହିତ ସରପଞ୍ଚ, ବିଧାୟକଙ୍କ ବିରୋଧରେ ନାରାବାଜି କରିଥଲେ।

ପ୍ରକାଶ ଯେ, କିଛିଦିନ ପୂର୍ବେ ସ୍ଥାନୀୟ ବିଧାୟକ ଅଭିଯୋଗ ପାଇ ଜିଲା ପରିଷଦ ସଭ୍ୟ ଓ କେତେଜଣ ସ୍ଥାନୀୟ ଲୋକଙ୍କ ସହିତ ମିଛପଣ୍ଡା ସାହିରେ ପହଞ୍ଚି ଦୁଇଦିନ ଭିତରେ ପିଇବା ପାଣି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଜଣେ ଠିକାଦାରଙ୍କୁ ସାହିଲୋକଙ୍କ ଉପସ୍ଥିତିରେ ଫୋନ କରି କାମ କରିବା ପାଇଁ କହିବା ସହିତ ଜିଲାପରିଷଦ ସଭ୍ୟଙ୍କୁ ଦାୟିତ୍ୱ ଦେଇଥିଲେ। ହେଲେ ସମସ୍ୟା ସମାଧାନରେ ବିଳମ୍ବ ହେଉଥିବାରୁ ସାହିଲୋକେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ସାହିର ମହିଳାମାନେ ଗରା, ବାଲ୍ଟି ଧରି ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରତିବାଦ କରିଥଲେ। ଖବରପାଇ ସ୍ଥାନୀୟ ପୋଲିସ ଓ ସରପଞ୍ଚ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଟ୍ୟାଙ୍କର ଯୋଗେ ବୁଧବାରଠାରୁ ପାନୀୟଜଳ ଯୋଗାଣ ପାଇଁ ସରପଞ୍ଚ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

**ଖୋର୍ଦ୍ଧା,୫।୩(ପ୍ରଭାତ ପାଣିଗ୍ରାହୀ)**

ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଟାଉନ ହଲ୍ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ବାଦଲ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଏକ ଭିଡିଓ ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଡିଓ କ୍ଷୀରାବ୍ଧୀ ତନୟା ସାହୁ ପରିଚାଳନା କରିଥିବା ବେଳେ ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଧନ୍ୟବାଦ ଦେଇଥିଲେ। ଜିଲା ପରିଷଦ ସଭ୍ୟାସଭ୍ୟ, ବହୁ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏବିଭିପିର ବିକ୍ଷୋଭ

**ଖୋର୍ଦ୍ଧା,୫।୩ (ପ୍ରଭାତ ପାଣିଗ୍ରାହୀ)**

ପଶ୍ଚିମବଙ୍ଗର ସନ୍ଦେଶଖାଲି ଅଞ୍ଚଳରେ ପଛୁଆବର୍ଗର ମହିଳାମାନଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ସରକାର ଚୁପ ବସିଛନ୍ତି। ଯାହା ନିନ୍ଦନୀୟ ଘଟଣା। ଏହାକୁ ବିରୋଧ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଙ୍ଗଳବାର ସାରା ଦେଶ ବ୍ୟାପୀ ଆନ୍ଦୋଳନ ଜାରି ରଖିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏବିଭିପିର କେନ୍ଦ୍ରୀୟ କାର୍ଯ୍ୟ ସମିତି ସଦସ୍ୟ ଦିପ୍ତୀମୟୀ ପ୍ରତିହାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶ୍ରୀ ପ୍ରୀତି ପଲ୍ଲବୀ ମହାପାତ୍ର, ରଶ୍ମିରଞ୍ଜନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଦଧିବାମନ ଦାସ, ମୁଶକାନ ଠାକୁର, ସୌମ୍ୟରଞ୍ଜନ ସାହୁ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଏକାଠି ହୋଇ ବିରୋଧ କରିଥିଲେ।

## ବିଜୁ ଜୟନ୍ତୀରେ ସାଇକେଲ ଶୋଭାଯାତ୍ରା

**ଜଟଣୀ,୫।୩(ରବୀନ୍ଦ୍ରନାଥ ମହାକୁଡ଼)**


ଶୋଭାଯାତ୍ରାରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀମାନେ।

ଜଟଣୀ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଏକ ସାଇକେଲ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ବ୍ଲକ ଛକଠାରୁ ଆନ୍ଧ୍ରା ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ଜଟଣୀ ନଗରପାଳ ଅନନ୍ତ ବେହେରା, ଜିଲା ଉପସଭାପତି ବିଜୟ ଛୋଟରାୟ, ଉମା ପଟ୍ଟନାୟକ, ଦୀପକ ମହାକୁଡ଼, ବରିଷ୍ଠ ବିଜେଡି ନେତା ପ୍ରସନ୍ନ ପାଟଶାଣୀ, ଜଟଣୀ ପୌର ଉପାଧ୍ୟକ୍ଷା ଆରତୀ ରାଉତ, ଏନ୍. ସୀତା, ସୁଶାନ୍ତ ରାଉତ, ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ମୋ ଜଟଣୀ ପାର୍କଠାରେ ସାଇକେଲ ରାଲି ପହଞ୍ଚିଥିଲା। ପରେ ମୋ ଜଟଣୀଠାରେ ଆୟୋଜିତ ସଭାରେ ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବକ୍ତବ୍ୟ ରଖିଥିଲେ। ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଉନସିଲର, ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଜେଟି ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ



**ଟାଙ୍ଗୀ,୫।୩(ରଘୁନାଥ ସାହୁ)**

ସରକାରୀ ଅନୁଦାନରେ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ କାର୍ଯ୍ୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଲିଖିତ ହୋଇ ସୂଚନା ଫଳକ ଲଗାଯିବାର ନିୟମ ରହିଛି। ହେଲେ ଖୋର୍ଦ୍ଧା ଜିଲା ଜରିପଡା ପଞ୍ଚାୟତର କାଲୁପଡା ଘାଟଠାରେ ବିନା ସୂଚନା ଫଳକରେ ଜେଟି କାର୍ଯ୍ୟ ଆଗେଇ ଚାଲିଛି। ଏଠାରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ସରପଞ୍ଚ ଦୀପୁନା କୁମାରୀ ସାହୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନିମ୍ନମାନର ସିମେଣ୍ଟ ବ୍ୟବହାର, ମୋରମ ବଦଳରେ ମାଟିରେ ଗାତ ଭର୍ତ୍ତି କରାଯାଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଭୁବନେଶ୍ୱରସ୍ଥିତ ଏକ ବିଲ୍ଡର ସଂସ୍ଥା ଏହି ନିର୍ମାଣ କାର୍ଯ୍ୟ କରୁଥିବା ଆଲୋଚନା ହେଉଛି।

## ପୁରାତନ ଛାତ୍ରଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର

**ନିରାକାରପୁର,୫।୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ମଙ୍ଗଳବାର ପୁରାତନ ଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ମୋ ସ୍କୁଲ ଅଭିଯାନର ସଭାପତି ରବୀନ୍ଦ୍ର କୁମାର ରାଉତରାୟ, ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷକ ବିଜୟ କୁମାର ସେଠୀ ବିବରଣୀ ପାଠ କରିଥିଲେ। ମୋ ସ୍କୁଲ ଅଭିଯାନ ପକ୍ଷରୁ ପୁରାତନ ଛାତ୍ର ମାନସ ଚନ୍ଦ୍ର ପଟ୍ଟନାୟକ, ଶଙ୍କର୍ଷଣ ପ୍ରଧାନ, ଉମେଶ ପଟ୍ଟନାୟକ, ବିଧୁଭୂଷଣ ମହାରଣା, ଦୀପକ କୁମାର ପ୍ରଧାନ, ବିଭୁତି ଭୂଷଣ ଦାଶଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବା ବେଳେ ଶିକ୍ଷକ ଦିଲୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ।



## ମହାବୀରଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କଳିଙ୍ଗ ସ୍ପୋର୍ଟିଂ କ୍ଲବ ବିଜୟୀ


ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବୋଲଗଡ଼,୫।୩ (ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ନାରାୟଣୀପଡ଼ା ସ୍କୁଲ ପଡ଼ିଆରେ ଚାଲିଥିବା ମହାବୀରଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ବିବିଜି ଖୋର୍ଦ୍ଧା ଓ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୩-୨ ଗୋଲରେ କଳିଙ୍ଗ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଅବିନାଶ ପଟ୍ଟନାୟକ ରେଫରି ଏବଂ ଅଫିସିଆଲ ରେଫରି ଭାବେ ମହମଦ ଇସାକ୍ ଦାୟିତ୍ୱ ତୁଲାଇଥିଲେ। ଭିକାରି ଦାସ ଓ ରାଜା ଖାଁ ଲାଇନ୍ସମ୍ୟାନଭାବେ ସହଯୋଗ କରିଥିଲେ। ଅତିଥିଭାବେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, କଡ଼ବ ସମିତିସଭ୍ୟଙ୍କ ପ୍ରତିନିଧି ଏସ୍.କେ. ଆଜାଦ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ପୁରସ୍ତମ ବେହେରା, ସମ୍ପାଦକ ବିଦ୍ୟାଧର ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଜଟଣୀ ଓ ନୟାଗଡ଼ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ସଭାପତି ବେହେରା ସୂଚନା ଦେଇଛନ୍ତି।

## କଳିଙ୍ଗ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ: କୁମାରବସ୍ତ ବିଜୟୀ

**ଖୋର୍ଦ୍ଧା,୫।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳପଡ଼ିଆରେ ଚାଲିଥିବା କଳିଙ୍ଗ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର କୁମାରବସ୍ତ ଓ ବେଲିଆପାଳ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ବେଲିଆପାଳ ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ୧୧ ଓଭରରେ ଏକ ଉଇକେଟ ହରାଇ ୧୫୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସୌମ୍ୟରଞ୍ଜନ ସାମନ୍ତସିଂହାର ଓ ପ୍ରକାଶ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅଭିଷେକ ପଟ୍ଟନାୟକ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ଯୁବନେତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଉପସ୍ଥିତ ଥିଲେ। ଅମିତ୍ ବେହେରା, ଧୀରେନ ତ୍ରିପାଠୀ, ସୁନୀଲ ରାଉତରାୟ, ଶ୍ରୀକାନ୍ତ ସାହୁ, ନବକିଶୋର ମହାପାତ୍ର ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୫।୦୩।୨୦୨୪

| | |
|---|---|
| ୩,୨୪, ୯୮୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ୩ ଗୁରୁଙ୍କୁ 'ଛନ୍ଦବିଭା ସମ୍ମାନ'

**ଭୁବନେଶ୍ୱର,୫।୩(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡିଶୀ ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ନୃତ୍ୟସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱିତୀୟ ଛନ୍ଦବିଭା ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ପଙ୍କଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ କୁମ୍‌କୁମ୍ ମହାନ୍ତି, ଗୁରୁ ଡ.ବିଜୟ କୁମାର ଜେନା ଏବଂ ଗୁରୁ ବିଜୟ କୁମାର ବାରିକଙ୍କୁ 'ଛନ୍ଦବିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ମାନ ବାବଦକୁ ମାନପତ୍ର ସହ ୫୦୦୦ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପରେ ପରେ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକକ ଓଡ଼ିଶୀ ଗାୟନରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାକୁ ପରିବେଷଣ କରିଥିଲେ ଗୁରୁ ଡ. ବିଜୟ କୁମାର ଜେନା। ପରେ ଗୁରୁ ଅରୁଣା ମହାନ୍ତି ଏକକ ଓଡ଼ିଶୀ ନୃତ୍ୟରେ ଦର୍ଶକଙ୍କୁ ଆନମନା କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନ ପକ୍ଷରୁ ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଓଡିଶୀ ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ଗୁରୁ ପଙ୍କଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା।

### ଚୋରି ମାମଲାରେ ଦୋଷୀଙ୍କୁ ୨ ବର୍ଷ ଜେଲଦଣ୍ଡ


ସୁନୀଲ କୁମାର ମଲ୍ଲ

**ଭୁବନେଶ୍ୱର,୫।୩(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ପ୍ରଥମ ଶ୍ରେଣୀ-୫ ବିଚାର ବିଭାଗୀୟ ଅଦାଲତରେ ମଙ୍ଗଳବାର ଭରତପୁର ଥାନାର ଏକ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସବ୍ୟସାଚୀ ପଣ୍ଡା ନୟାଗଡ଼ ଜିଲା ରଣପୁର ଅଞ୍ଚଳର ସୁନୀଲ କୁମାର ମଲ୍ଲ (୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସୁନୀଲଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ସ୍ୱର୍ଣ୍ଣଜିତ୍ ପ୍ରଧାନ ତାଙ୍କ ବୁଲେଟ୍ ବାଇକ୍‌କୁ ସେ ରହୁଥିବା କୋଳଥିଆସ୍ଥିତ ସତ୍ୟସାଇ ଏନକ୍ଲେଭ୍‌ର ପାର୍କିଂରେ ରଖିଥିଲେ। ୨୦୨୩ ଅକ୍ଟୋବର ୨୨ ଭୋର୍ ପ୍ରାୟ ୪ଟାବେଳେ ତାଙ୍କ ବାଇକ୍‌ଟି ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ସ୍ୱର୍ଣ୍ଣଜିତ୍‌ଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୪୭୦/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଅଭିଯୁକ୍ତ ସୁନିଲ୍‌ଙ୍କୁ ଗିରଫ କରିଥିଲା। ୬ ଜଣଙ୍କ ସାକ୍ଷ୍ୟ ଓ ୧୫ଟି ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସହାୟକ ସରକାରୀ ଓକିଲ ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

# 'ସ୍ୱାସ୍ଥ୍ୟସେବା ଆହ୍ୱାନର ମୁକାବିଲା କରୁ ବିଶ୍ୱବିଦ୍ୟାଳୟ'

**ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଉତ୍ସବ**

ଭୁବନେଶ୍ୱର, ୫।୩(ଅସମାପିକା ସାହୁ)

ନବଗଠିତ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଶିଶୁ ଭବନ ଛକ ନିକଟ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମେଡିକାଲ ଓ ସ୍ୱାସ୍ଥ୍ୟ ବିଜ୍ଞାନ ଅନୁଷ୍ଠାନଗୁଡ଼ିକର ଡିନ୍-ତଥା-ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ବୋର୍ଡ, ବିଶ୍ୱବିଦ୍ୟାଳୟ ଶିକ୍ଷା ପରିଷଦ ଓ ଅନ୍ୟ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ବର୍ଷକ ମଧ୍ୟରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟର ଅଗ୍ରଗତି ବାସ୍ତବରେ ପ୍ରଶଂସନୀୟ। ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ସ୍ୱାସ୍ଥ୍ୟ ଶିକ୍ଷାକୁ ଗୁରୁତ୍ୱ ଦେଇ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଥିବା ଅତ୍ୟନ୍ତ ଆନନ୍ଦର ବିଷୟ। ଜଳବାୟୁଜନିତ ସ୍ୱାସ୍ଥ୍ୟ ସମସ୍ୟା ସମେତ ରାଜ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ରହିଥିବା ବିଭିନ୍ନ ଆହ୍ୱାନକୁ ମୁକାବିଲା କରିବା ଦିଗରେ ଏହି ବିଶ୍ୱବିଦ୍ୟାଳୟ ନିୟାମକ ଭାବେ କାର୍ଯ୍ୟ କରୁ ବୋଲି ସେ ମତ ପ୍ରକାଶ କରିଥିଲେ।



ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅତିଥିଙ୍କ ସହ ଅନ୍ୟମାନେ।

ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ କହିଲେ, ଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦି ସହିତ ସମନ୍ୱିତ କରି ବିଶ୍ୱବିଦ୍ୟାଳୟ ଜରିଆରେ ଉପଯୋଗୀ ଥିବା ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଓ ଗବେଷଣା ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ଏହା ସ୍ୱାସ୍ଥ୍ୟ ଶିକ୍ଷା ଓ ଡାକ୍ତରୀ ଶିକ୍ଷା କରୁଥିବା ଛାତ୍ରୀଛାତ୍ରଙ୍କୁ ବହୁଧା ଉପକୃତ କରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଯୋଗଦେଇ ବିଭିନ୍ନ ଆହ୍ୱାନ ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଅନେକ କାର୍ଯ୍ୟ କରାଯାଇପାରିଥିବା ସୂଚନା ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳିତ ପ୍ରୟାସରେ ଏହି ବିଶ୍ୱବିଦ୍ୟାଳୟ ଜରିଆରେ ବହୁମୁଖୀ ଶିକ୍ଷା ଓ ଗବେଷଣା କାର୍ଯ୍ୟକ୍ରମ କରାଯିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦତ୍ତେଶ୍ୱର ହୋତା କହିଲେ, ଡାକ୍ତରୀ ଓ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ ପାଠ୍ୟକ୍ରମ ପ୍ରଦାନ କରୁଥିବା ସମସ୍ତ କଲେଜକୁ ଗୋଟିଏ ବିଶ୍ୱବିଦ୍ୟାଳୟ ଅଧୀନରେ ଆଣିବା ଏବଂ ସମ୍ପୃକ୍ତ ଅଧ୍ୟୟନ କ୍ଷେତ୍ରରେ ଶିକ୍ଷାର ଗୁଣବତ୍ତାକୁ ସୁବ୍ୟବସ୍ଥିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ସ୍ଥାପନର ପ୍ରଥମ ବର୍ଷରେ ଏହାର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଛି। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଚିକିତ୍ସା ଅନୁଷ୍ଠାନଗୁଡ଼ିକରେ ଯୋଜନାବଦ୍ଧ ଗବେଷଣା ଇକୋସିଷ୍ଟମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସନ୍ତୋଷୀ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଅର୍ଥ ନିୟନ୍ତ୍ରକ ଗୌତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଓଡ଼ିଶା ଟାଏକୋଣ୍ଡୋ ସଂଘର ବାର୍ଷିକ ସଭାରେ ନୂତନ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

## ବ୍ୟୋମକେଶ ସଭାପତି, ମନମୋହନ ସାଧାରଣ ସମ୍ପାଦକ

**ଓଡ଼ିଶା ଟାଏକୋଣ୍ଡୋ ସଂଘର ନୂତନ କର୍ମକର୍ତ୍ତା**

ପୁରୀ,୫।୩(ଅଜିତ୍ ମହାନ୍ତି)

ପୁରୀ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓଡ଼ିଶା ଟାଏକୋଣ୍ଡୋ ସଂଘର ବାର୍ଷିକ ସଭା ଓ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ପୁରୀ ଓକିଲ ସଂଘର ସଦସ୍ୟ ଆଡ୍‌ଭୋକେଟ୍ ଅଜୟ କୁମାର ସାହୁ ରିଟର୍ଣ୍ଣିଂ ଅଫିସର ଭାବେ ଏହି ନିର୍ବାଚନକୁ ପରିଚାଳନା କରିଥିଲେ। ଜାତୀୟ ସଂଘ ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଦିଲ୍ଲୀ ଟାଏକୋଣ୍ଡୋ ସଂଘର ଯୁଗ୍ମସମ୍ପାଦକ ଅଜୟ କୁମାର ଦଲାଲଙ୍କୁ ନିର୍ବାଚନ ତଦାରଖ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ଓଟିଏ ବାଇ-ଲ' ଅନୁସାରେ ୧୬ଟି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଘୋଷଣା କରାଯାଇଥିଲା। ଓଡ଼ିଶା ଟାଏକୋଣ୍ଡୋ ସଂଘ ଅଧୀନ ୧୯ଟି ଅନୁବନ୍ଧିତ ଜିଲା ସଂଘରୁ ଦୁଇଜଣ ଲେଖାଏ ପ୍ରତିନିଧିତ୍ୱ କରିଥିଲେ। ନିର୍ବାଚିତ ସଦସ୍ୟମାନେ ହେଲେ ବ୍ୟୋମକେଶ ଅଭିଲାଷ ପ୍ରସାଦ ସଭାପତି, ଧବଳେଶ ମହାପାତ୍ର ଓ ମନୋଜ କୁମାର ବାଦୀ ଯୁଗ୍ମଉପସଭାପତି, ମନମୋହନ ଭଞ୍ଜ ସାଧାରଣ ସମ୍ପାଦକ, ପ୍ରଭାତ କୁମାର ସାହୁ ଓ ଅତାଉଲ୍ଲା ଖାନ୍ ଯୁଗ୍ମ ସମ୍ପାଦକ, କେ. ମନୋଜ ପ୍ରଧାନ କୋଷାଧ୍ୟକ୍ଷ। ସେହିପରି ୯ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ବିଜୟ କୁମାର ଭୋଇ, ଏମ୍‌ଡି ରମ୍‌ଜାନ, ଅଜୟ କୁମାର ସାହୁ, ଅଜିତ କୁମାର ସାହୁ, ଯଯାତି କେଶରୀ ଧଳ, ଏହେଶାସ ହୋତା, ମନ୍ମଥ ବାରିକ, ଆଲୋକ ରଞ୍ଜନ ଚୌଧୁରୀ ଏବଂ ବିବେକାନନ୍ଦ ସାମଲ। ନବନିର୍ବାଚିତ ସଦସ୍ୟମାନଙ୍କୁ ଟିଏଫ୍‌ଆଇ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଶର୍ମା ଶୁଭେଚ୍ଛା ଜଣାଇଛନ୍ତି। ନୂତନ ସଭାପତି ବ୍ୟୋମକେଶ ଅଭିଲାଷ ପ୍ରସାଦ ଓଡ଼ିଶାରେ ଟାଏକୋଣ୍ଡୋର ଅଧିକ ପ୍ରଚାର ପ୍ରସାର ସହ ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ରେଳ ଧାରଣାରୁ ଛାତ୍ରଙ୍କ ମୃତଦେହ ଜବତ

ବାରଙ୍ଗ,୫।୩
(ଲିଙ୍ଗରାଜ ରାଉତ)

ଗୋଡିସାହି ଫାଣ୍ଡି ଅଧୀନ ରତାଗଡ ରେଳ ଓଭରବ୍ରିଜ୍ ରେଳଧାରଣାରୁ ଜଣେ ଛାତ୍ରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ ବ୍ରହ୍ମପୁର ଅଞ୍ଚଳର ଦୀପ୍ତିମାନ ମହାପାତ୍ର। ସେ ଏକ ଘରୋଇ ବିଶ୍ୱବିଦ୍ୟାଳୟର ପାସ୍ ଆଉଟ୍ ଛାତ୍ର ବୋଲି ସୂଚନା ମିଳିଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ଅସ୍ପଷ୍ଟ ରହିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଜିଆର୍‌ପି ପୋଲିସ ପକ୍ଷରୁ ସୂଚନା ଦେଇଛି। ରେଳ ଧାରଣାଠାରୁ ଅଳ୍ପ ଦୂରରେ ଏକ ବାଇକ୍ (ଓଡି ୦୭ ଏକେ ୨୬୮୬) ଥିବାବେଳେ ମୃତଦେହ ନିକଟରେ ହେଲମେଣ୍ଟ, ଜୋତା, ଲାଇଟର ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଜିଆର୍‌ପି ପୋଲିସ ଓ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ପାଇଁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ରେଳଧାରଣା କଡ଼ରୁ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ଟାଙ୍ଗୀ,୫।୩(ରଘୁନାଥ ସାହୁ)

କୁହୁଡ଼ି ବଜାର ନିକଟ ରେଳଧାରଣା କଡ଼ରୁ ନିଖୋଜ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଟାଙ୍ଗୀ ବ୍ଲକ ରତନପୁର ପଞ୍ଚାୟତର ସୁନ୍ଦରଗଡ଼ ନୂଆସାହିର ପ୍ରକାଶ ବେହେରା(୩୫)। ଅନ୍ୟପଟେ ପ୍ରକାଶଙ୍କୁ ହତ୍ୟା କରାଯାଇ ଫିଙ୍ଗି ଦିଆଯାଇଛି ବୋଲି ମା' କୁମାରୀ ବେହେରା ଅଭିଯୋଗ ଆଣିଛନ୍ତି।

ଗତ ୧ ତାରିଖରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ ସହିତ ପ୍ରକାଶଙ୍କ ପାଟିତୁଣ୍ଡ ହେବାରୁ ସେମାନେ ତାଙ୍କ ବାଇକ୍‌କୁ ଛଡ଼ାଇ ନେଇଥିଲେ। ପରେ ରାତିରେ ୨୦ରୁ ଊର୍ଦ୍ଧ୍ୱ ଲୋକ ପ୍ରକାଶଙ୍କ ସହିତ ଆସି ପାଟିତୁଣ୍ଡ କରିଥିଲେ। ମା' କୁମାରୀ ସେମାନଙ୍କୁ ବୁଝାଶୁଝା କରିବା ସହ ପରଦିନ ବାଇକ୍ ମୁକୁଳାଇ ଆଣିଥିଲେ। ହେଲେ ଉକ୍ତ ଦିନଠାରୁ ପ୍ରକାଶ ନିଖୋଜ ହୋଇଯାଇଥିଲେ। ଦୁଇଦିନ ପରେ କୁହୁଡ଼ି ବଜାର ନିକଟ ରେଳଧାରଣା କଡ଼ରେ ପ୍ରକାଶଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜିଆର୍‌ପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ନିରାକାରପୁର ଜିଆର୍‌ପି ଥାନା ଏଏସ୍‌ଆଇ ପରିକ୍ଷିତ ନାୟକ ଓ କୁହୁଡ଼ି ଫାଣ୍ଡି ଅଧିକାରୀ ବସନ୍ତ କୁମାର ମିଶ୍ର କହିଛନ୍ତି।

## ସମ୍ପତ୍ତି ପାଇଁ ମହିଳାଙ୍କୁ ହତ୍ୟା

**ସାଇଣ୍ଟିଫିକ୍ ଟିମ୍, ପୋଲିସର ତଦନ୍ତ ଆରମ୍ଭ**

ଗମ୍ଭାରୀମୁଣ୍ଡା,୫।୩(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ସମ୍ପତ୍ତି ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ ବଡ଼ହନୁଆଡ଼ ମୁସଲିମ ସାହିର ମେହିଦିନ ମିର୍ଜାଙ୍କ ପ୍ରଥମ ସ୍ତ୍ରୀ ହାୱା ବିବି(୫୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୧/୨୪) ରୁଜୁହୋଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ମେହିଦିନ କିଛି ବର୍ଷ ପୂର୍ବେ ମହିରୁନ ବିବିଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିଛିଦିନ ପରେ ମହିରୁନ ସମ୍ପତ୍ତି ପାଇଁ ମେହିଦିନଙ୍କ ପ୍ରଥମ ସ୍ତ୍ରୀ ହାୱାଙ୍କୁ ଗାଳିଗୁଲଜ କରିବା ସହ ନିର୍ଯାତନା ଦେଇଆସୁଥିଲେ। ମଙ୍ଗଳବାର ଛାତ ଉପରେ ହାୱାଙ୍କ ମୃତଦେହ ଝୁଲୁଥିବା ଦେଖି ସାନପୁଅ ପରିବାର ଲୋକଙ୍କୁ ଜଣାଇଥିଲେ।


ହାୱା ବିବି

ହାୱାଙ୍କ ଭାଇ ଆଇବନ ଖାନ, ଅବଦୁଲ ରହୁପଖାନ ଘଟଣାସ୍ଥଳରେ ପହଞ୍ଚି ଶରୀରରେ କ୍ଷତ ଚିହ୍ନ ଥିବା ଦେଖିବାକୁ ପାଇଥିଲେ। ତାଙ୍କ ଭଉଣୀଙ୍କୁ ହତ୍ୟା ପରେ ଝୁଲାଇ ଦିଆଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ହାୱାଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## 'ପ୍ରତିଶୋଧ ନେବାକୁ ମାରିଦେଇଥିଲେ'

**ମହିଳାଙ୍କୁ ଛୁରି ଭୁସି ହତ୍ୟା ମାମଲା**

**ନଦୀପଠା ଜଙ୍ଗଲରୁ ଅଭିଯୁକ୍ତ ଗିରଫ**

କଟକ,୫।୩ (କାର୍ତ୍ତିକ ସାହୁ)

ନେହୁରପଲ୍ଲୀର ମହିଳା ହତ୍ୟାକାଣ୍ଡ ମାମଲାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଏକତରଫା ପ୍ରେମରେ ବିଫଳ ହେବାରୁ ପ୍ରତିଶୋଧ ପରାୟଣ ହୋଇ ପ୍ରେମିକାଙ୍କ ମା' ଭାରତୀ ସାହୁ (୪୦)ଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ କହିଛି। ସେହିପରି ଫେରାର ଥିବା ଅଭିଯୁକ୍ତ ଦେବେନ୍ଦ୍ରନଗରର ମୁନା ଭୁୟାଁ(୨୧)ଙ୍କୁ ପୋଲିସ ୯ ଘଣ୍ଟା ମଧ୍ୟରେ ଗିରଫ କରିଛି। ପୋଲିସ ତଦନ୍ତ ଅନୁଯାୟୀ, ହତ୍ୟାକାଣ୍ଡ ଘଟାଇବା ପରେ ମୁନା ବିଦ୍ୟାଧରପୁର ନିକଟ ନଦୀପଠାରେ ଥିବା ଏକ ଜଙ୍ଗଲିଆ ଅଞ୍ଚଳରେ ଲୁଚି ରହିଥିଲେ। ପୋଲିସ ଏନେଇ ସୂଚନା ପାଇବା ପରେ ମଙ୍ଗଳବାର ଭୋର ସମୟରେ ସେଠାରେ ଚଢ଼ାଉ କରିଥିଲା। ଜୋନ୍ ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକ୍ ଅନ୍ୟ ଅଫିସରଙ୍କ ସହ ସଦଳବଳେ ପହଞ୍ଚିବା ଦେଖି ଅଭିଯୁକ୍ତ ଦୌଡ଼ି ପଳାଇଯିବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ତାଙ୍କୁ ଶେଷରେ ଗିରଫ କରିଛି।

ପୋଲିସ ସୂଚନା ଅନୁସାରେ, ଭାରତୀଙ୍କ ବଡ଼ଝିଅକୁ ଅଭିଯୁକ୍ତ ମୁନା ଗତ କିଛି ମାସ ହେବ ଏକତରଫା ଭଲ ପାଉଥିଲେ। ଉକ୍ତ ଯୁବତୀ ଅନେକ ସମୟରେ ବାଟରେ ଯିବା ବେଳେ ମୁନା ଅଟକାଇ ପ୍ରେମ ନିବେଦନ ସହ ହଇରାଣ ହରକତ କରୁଥିଲେ। ଗତବର୍ଷ ବିଦ୍ୟାଧରପୁର କାଳୀ ଭସାଣରେ ସେହି ଯୁବତୀଙ୍କୁ ଏକୁଟିଆ ଦେଖି ମୁନା ଟଣାଓଟରା କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ଜଣକ କୌଣସି ପ୍ରକାରେ ସେଠାରୁ ଖସିଆସିଥିଲେ। ସେ ଘରେ ଏହା ଜଣାଇବା ପରେ ତାଙ୍କ ମା' ଭାରତୀ ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ରୁଜୁ କରିବା ସହ ମୁନାକୁ ଗିରଫ କରି ଜେଲ୍ ପଠାଇଥିଲା। ପରେ କେତେକ ସ୍ଥାନୀୟ ଲୋକ ଏହି ଘଟଣାର ଆପୋଷ ସମାଧାନ କରିଥିଲେ। ଅଭିଯୁକ୍ତ ଓ ତାଙ୍କର ପରିବାର ଲୋକେ ଭୁଲ ମାଗିଥିଲେ। ଏହି ମାମଲାର ଆପୋଷ ସମାଧାନ ହୋଇଥିବା ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହା ପରେ ମୁନା ଜାମିନ୍‌ରେ ଖଲାସ ହୋଇଥିଲେ। ଏହି ଘଟଣାର କିଛିଦିନ ପରେ ମୁନା ପୁଣି ଭାରତୀଙ୍କ ଝିଅଙ୍କୁ ରାସ୍ତାରେ ଅଟକାଇ ପ୍ରେମ ନିବେଦନ କରିବା ସହିତ ହଇରାଣ ଆରମ୍ଭ କରିଦେଇଥିଲେ। ଅଧିକାଂଶ ସମୟରେ ସେ ଯୁବତୀଙ୍କୁ ଭେଟିବା ପାଇଁ ତାଙ୍କ ଘର ପର୍ଯ୍ୟନ୍ତ ମଧ୍ୟ ଚାଲି ଆସୁଥିଲେ। ଭାରତୀ ତାଗିଦା କରିବାରୁ ମୁନା ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ଯୋଜନା ଅନୁସାରେ, ରବିବାର ରାତିରେ ଭାରତୀ ଘରେ ଏକୁଟିଆ ଥିବାବେଳେ ମୁନା ଏକ ଭଙ୍ଗା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ମୁନା ଭାରତୀଙ୍କ ପେଟ ଓ ଛାତିକୁ ବାରମ୍ବାର ଭୁଷିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସିଦ୍ଧାନ୍ତ


@ ଅବିନାଶ


@ ଜଗନ୍ନାଥ


@ ଗଦାଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

